

ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଭିମ୍ସାରରେ ଡାକ୍ତରଙ୍କୁ ଠେଲିଦେଲେ ରୋଗୀ

**ସମ୍ବଲପୁର,୧।୨(ବ୍ୟୁରୋ):** ବୁର୍ଲା ଭିମ୍ସାର ଚିକିତ୍ସିତ ହେଉଥିବା କିରବାର ଅଶୋକ ମିର୍ଦ୍ଧା ନାମକ ଜଣେ ରୋଗୀ ଶନିବାର ଜଣେ ହାଉସସର୍ଜନ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଠେଲି ଦେଇଥିଲେ। ୱାର୍ଡରେ ମଧ ଗାଳିଗୁଲଜ କରିଥିଲେ। ଅଭିଯୋଗ ପରେ ପୋଲିସ ଅଶୋକଙ୍କୁ ଅଟକ ରଖିଛି । ତେବେ ଅଶୋକ ଜଣେ ମାନସିକ ରୋଗୀ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ଯେ, ଅଶୋକ ପୂର୍ବରୁ ଭିସୁଟ କୁଳପତିଙ୍କ ଅଫିସ କୋଠରିକୁ ପଶି ଭଙ୍ଗା ରୁଜା କରି ଜେଲ୍ ଯାଇଥିଲେ।

### ନନ୍ଦିନୀ ଛାତ୍ରୀନିବାସର ବାର୍ଷିକୋତ୍ସବ

**କୁଚିଣ୍ଡା, ୧।୨ (ଡି.ଏନ.ଏ): **କୁଚିଣ୍ଡା କଲେଜ ନନ୍ଦିନୀ ଛାତ୍ରୀ ନିବାସରେ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ କ୍ୟାପଟେନ ହିଟଲର୍ ସେନାପତି ସଭାପତିତ୍ୱ କରିଥିଲେ। ଅତିଥି ରୂପେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଓ ପ୍ରଫେସର ନିରୁପମା ବଡପଣ୍ଡା ଯୋଗ ଦେଇଥିଲେ । ଦୀପିକା ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଚିତ୍ରା ମିଶ୍ର ଅତିଥି ପରିଚୟ କରିଥିଲେ । ରାଜେଶ୍ୱରୀ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ। ମଞ୍ଜୁଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨ ଦିନ ହେଲା ସ୍କୁଲରେ ତାଲା

**ନାକଟିଦେଉଳ,୧।୨ (ଡ଼ି.ଏନ.ଏ.)**



ସ୍ଥାୟୀ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର, ଗ୍ରାମବାସୀ ଓ ଅନ୍ୟମାନେ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ସମସ୍ୟାକୁ ନେଇ ଶୁକ୍ରବାରଠାରୁ ପୁଣି ଥରେ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଦେଇଛନ୍ତି। ଶନିବାର ମଧ ସ୍କୁଲରେ ତାଲା ପଡିଥିଲା। ଅବଶ୍ୟ ଅପରାହ୍ନରେ ବ୍ଲକ୍ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଓ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁକାନ୍ତ କୁମାର ନାୟକ ଗାଁରେ ପହଞ୍ଚି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ନିଜ ଜିଦ୍‌ରେ ଅଟଳ ରହିଥିଲେ। ବିଇଓ ଏବଂ ତହସିଲଦାରଙ୍କ କୌଣସି କଥାକୁ ସେମାନେ ଶୁଣି ନ ଥିଲେ। ଫଳରେ ସେମାନଙ୍କୁ ମନାଇବାର ପ୍ରୟାସ ବିଫଳ ହୋଇଥିଲା। ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି କହି ଦୁଇ ଅଧିକାରୀ ସେଠାରୁ ଫେରି ଯାଇଛନ୍ତି। ଅନ୍ୟପକ୍ଷେ ସୋମବାର ମଧ ସ୍କୁଲରୁ ତାଲା ଖୋଲିବ କି ନାହିଁ ତାହା ମଧ ଅନିଶ୍ଚିତତା ଭିତରେ ରହିଛି।

ଏହି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷକ ସମେତ ବହୁ ପଦବୀ ଆଜକୁ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି । ଆଗକୁ ମାଟ୍ରିକ ପରୀକ୍ଷା। ଶିକ୍ଷକ ଅଭାବରୁ ପାଠ ପଢାରେ ବହୁ ଅସୁବିଧା ଦେଖା ଦେଉଛି । ତେଣୁ ଶୀଘ୍ର ଶିକ୍ଷକ ପଦବୀ ପୂରଣ ଦାବିରେ ଗ୍ରାମବାସୀ ଏବଂ ଅଭିଭାବକମାନେ ଗତ ୨୭ ତାରିଖରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀମାନଙ୍କ ସହ ଧାରଣା ଦେଇଥିଲେ। ଖବର ପାଇ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଧାରଣା ସ୍ଥଳରେ ପହଞ୍ଚିଥିଲେ। ୩ ଦିନ ଭିତରେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏଣୁ ତାଙ୍କ କଥାରେ ବିଶ୍ୱାସ କରି ଆନ୍ଦୋଳନକାରୀ ଧାରଣା ପ୍ରତ୍ୟାହୃତ କରିଥିଲେ। ସ୍କୁଲ ଫାଟକରୁ ତାଲା ମଧ ଖୋଲିଥିଲେ। ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଦେଶ ପାଇ ନିକଟସ୍ଥ ଘୋଷରାମାଳ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁଦର୍ଶନ ରାଉଳ କାର୍ଯ୍ୟରେ ଯୋଗଦେବାକୁ ଡଇଁଚା ବାପୁଜୀ ହାଇସ୍କୁଲକୁ ଆସିଥିଲେ। ହେଲେ ସେ ସପ୍ତାହକୁ ମାତ୍ର ୩ ଦିନ ଅର୍ଥାତ୍ ଗୁରୁବାର, ଶୁକ୍ରବାର ଏବଂ ଶନିବାର କେବଳ ଏଠାରେ ପାଠ ପଢାଇବାକୁ ଆସିବେ ବୋଲି ଜାଣିବା ପରେ ଶିକ୍ଷା କମିଟି, ଅଭିଭାବକ ଏବଂ ଗ୍ରାମବାସୀ ବିରୋଧ କରିଥିଲେ। ଅସନ୍ତୋଷ ପ୍ରକାଶ କରି ସପ୍ତାହକୁ ୩ ଦିନ ନୁହେଁ ବରଂ ସ୍ଥାୟୀ ଶିକ୍ଷକ ଦରକାର ବୋଲି ଦାବି କରି ଶିକ୍ଷକଙ୍କୁ ସ୍କୁଲରେ ଜଏନ କରାଇ ନ ଦେବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଶାସନର ଚାଲବାଜିକୁ ବିରୋଧ କରି ସ୍କୁଲ ପରିଚାଳନା କମିଟିର ସଭାପତି ଜିତେନ୍ଦ୍ର କୁମାର ପ୍ରଧାନ, ଡଇଁଚା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନ, ଆଲଫା ପ୍ରଧାନ, ରମ୍ଭା ଦେହୁରୀ, ନଳିନୀପ୍ରଭା ପ୍ରଧାନ, ରଙ୍ଗ ବେହେରା, ରୁନି ବେହେରା, ଧରଣୀଧର ସାହଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଏବଂ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ସ୍ଥାୟୀ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦିଆ ନ ଯିବା ପର୍ଯ୍ୟନ୍ତ ସ୍କୁଲ ଫାଟକରେ ତାଲା ଝୁଲି ରହିବ ବୋଲି ଚେତାବନୀ ଦେଇଛନ୍ତି।

**ଡଇଁଚା ବାପୁଜୀ ହାଇସ୍କୁଲ**
- ସ୍ଥାୟୀ ବିଜ୍ଞାନ ଶିକ୍ଷକ ଦରକାର
- ଜିଦରେ ଅଟଳ ଅଭିଭାବକ, ଏସ୍‌ଏମ୍‌ସି
- ମନାଇ ପାରିଲେନି ବିଇଓ, ତହସିଲଦାର

# ବିକାଶକୁ ହରାଇଲା ଗୁରୁ ନାନକ

**ସମ୍ବଲପୁର, ୧।୨ (ବ୍ୟୁରୋ)**

ଓଡିଶା କ୍ରିକେଟ ଆସୋସିଏସନ୍ (ଓସିଏ) ପକ୍ଷରୁ ଶାସନ ସ୍ଥିତ ବିକାଶ ସ୍କୁଲ ଖେଳ ପଡିଆରେ ଆର୍ନ୍ତଃଜିଲା କ୍ଲବ ଲିଗ୍ ଟୁର୍ନାମେଣ୍ଟ ଶନିବାର ଉଦଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ ଗୁରୁନାନକ ପବ୍ଲିକ ସ୍କୁଲ ବନାମ ବିକାଶ ସ୍କୁଲ ମଧରେ ହୋଇଥିଲା । ଗୁରୁନାନକ ପବ୍ଲିକ ସ୍କୁଲ ୩୧ ଓଭରରେ ସମସ୍ତ ଉଇକେଟ ହରାଇ ୧୬୬ ରନ୍ କରି ବିଜୟୀ ହୋଇଥିଲା । ଦଳର ଶରତ ମୁଣ୍ଡା ୩୫ ବଲରେ ୪୫ ରନ୍ କରିଥିଲେ । ବିକାଶ ଦଳ ୨୩. ୧ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ୍ କରି ପରାଜୟ ହୋଇଥିଲେ। ଦଳର ଜଗନ୍ନାଥ ବେହେରା ୫୦ ବଲ୍‌ରେ ୨୨ ରନ୍ କରିଥିଲେ । ଅନ୍ୟତମ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ । ମହେଶ କୁମାର ମୁନସୀ, ବିକାଶ କୁମାର ମିଶ୍ର ମ୍ୟାଚ ପରିଚାଳନା କରିଥିଲେ । ସୌମ୍ୟଦର୍ଶନ ମହାନ୍ତି ଓ ଯୁଧିଷ୍ଠିର ନାରାୟଣ ସିଂ ସ୍କୋରର ଥିଲେ। ଗୁରୁନାନକ ସ୍କୁଲର ବିମଳ କର୍ମକାର ୬.୧ ଓଭରରେ ୧୬ ରନ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ହାସଲ କରିଥିଲେ। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଆର୍ନ୍ତଃ ଜାତୀୟ ଅମ୍ପାୟାର ଅରୁଣ ବାସା, ଜି ଭାସ୍କର ରାଓ, ସୁନୀଲ କୁମାର ସାହୁ, ଡା, ଦିଲୀପ ନନ୍ଦ, ଅମୂଲ୍ୟ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।



ଶନିବାର ଶାସନ ବିକାଶ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଶନିବାର ବିମଳ କର୍ମକାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ଭିଏସ୍‌ଏସ୍ କ୍ଲବ, ପାଟିଦାର କ୍ରିକେଟ କ୍ଲବ ବିଜୟୀ

**ସମ୍ବଲପୁର, ୧।୨ (ବ୍ୟୁରୋ)**

ଜିଲାସ୍ତରୀୟ ଆନ୍ତ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ ଭିଏସଏସ କ୍ଲବ ଓ ପାଟିଦାର କ୍ରିକେଟ କ୍ଲବ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟା ୟକୁ ଉନ୍ନିତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଭିଏସଏସ କ୍ଲବ ବନାମ ଯବାନ ଇ- ହୀନ୍ଦ ମଧରେ ହୋଇଥିଲା । ଏଥିରେ ଭିଏସଏସ କ୍ଲବ ୬ ଉଇକେଟରେ ବିଜୟୀ ହୋଇଥିଲା । ଦଳର ଖେଳାଳି ଗୌତମ ସାହୁ ୫୩ ବଲରେ ଅପରାଜିତ ୮୩ ଓ ୨ଟି ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ହାସଲ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ପାଟିଦାର କ୍ରିକେଟ କ୍ଲବ ବନାମ ବୀରବଜରଙ୍ଗ ସଂଘ ମଧରେ ହୋଇଥିଲା । ପାଟିଦାର କ୍ଲବ ୨୨ ରନରେ ବିଜୟୀ ହୋଇଥିଲା। ଦଳର ଖେଳାଳି ସୟଦ ସୋଭ ୧୨ ବଲରେ ୨୩ କରି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପାଇଥିଲେ । ସଞ୍ଜୟ ନାୟକ, ଦିଲ୍ଲୁ ଦେଶଭାୟା ମ୍ୟାଚ ପରିଚାଳନା କରିଥିଲେ । ସୟଦ ଜ୍ୟାକି ସ୍କୋରର ଥିଲେ। ମନୋଜ ଚାନ୍ଦ ଓ ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ସୁନୀଲ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ।




ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥି ସୁନୀଲ ସାହୁ ଶନିବାର ସୟଦ ସୋଭଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ଟାଇଗର କପ୍ କବାଡ଼ି : ଜିଲା ସ୍କୁଲ ଚାମ୍ପିୟନ

**ସମ୍ବଲପୁର, ୧।୨ (ବ୍ୟୁରୋ)**

ଜିଲା ବର୍ଷିୟାନ କ୍ରୀଡା ସଂଘ ପକ୍ଷରୁ ପ୍ରଥମ ଟାଇଗର କପ୍ ହାଇସ୍କୁଲସ୍ତରୀୟ କବାଡି ଟୁର୍ନାମେଣ୍ଟ- ୨୦୨୦ ଶନିବାର ବୀର ସୁରେନ୍ଦ୍ର ସାଏ ଟାଉନ୍ ହଲ୍ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ଚାମ୍ପିୟନ ଓ ସେଭେନ ହିଲ୍ସ ସ୍କୁଲ ଦଳ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି। ଫାଇନାଲ ମ୍ୟାଚ ଜିଲା ସ୍କୁଲ ଓ ସେଭେନ ହିଲ୍ସ ସ୍କୁଲ ମଧରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । ପ୍ରଥମାର୍ଦ୍ଧରେ ସେଭେନହିଲ୍ସ ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ବିପକ୍ଷ ଦଳକୁ ଚାପରେ ରଖିଥିଲେ । ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ଦୁଇ ଦଳ ମଧରେ ଚିତ୍ତାକର୍ଷକ ହୋଇଥିଲା । ଶେଷରେ ଜିଲା ସ୍କୁଲ ୪୦-୩୭ ପଏଣ୍ଟରେ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚକୁ ଉମାପତି ତ୍ରିପାଠୀ, ପ୍ରଶାନ୍ତ ସେଠ ଓ ଆଦିତ୍ୟ ବାରିକ, ରାଜେଶ ସେଠ ପରିଚାଳନା କରିଥିଲେ । ରମେଶ ବେରିହା, ଇନ୍ଦ୍ରଜିତ ବାଗ, ସୋମନାଥ ସେଠ, ଅବିନାଶ ମିତ୍ର, ସନ୍ତୋଷିନୀ ଭୂୟାଁ, ଗୀତା କଂସାରୀ ଓ ଲିଲି ମୁଣ୍ଡା ସ୍କୋରର ଏବଂ ଲାଇନ୍ସ ମ୍ୟାନ ଥିଲେ। ଏଥିରେ ମୋଟ ୯ଟି ଦଳ ଭାଗ ନେଇଥିଲେ । ସେମାନଙ୍କ ମଧରେ ୮ଟି ମ୍ୟାଚ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚ ବୈଦିକ ସ୍କୁଲ ଓ ବୁଢ଼ାରଜା ମଧରେ ହୋଇଥିଲା । ବୈଦିକ ଦଳ ୪୧-୬ ପଏଣ୍ଟରେ ବିଜୟୀ ହୋଇଥିଲା। ଡ. ବିଜୟ ପ୍ରଧାନଙ୍କ ସଂଯୋଜନା ଓ ସଭାପତି ଗୋକୁଳ ଚନ୍ଦ୍ର ଦର୍ଜିଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ଇଂ. ଅଶୋକ କୁମାର ଜଲାନ ମୁଖ୍ୟଅତିଥି, ଇଦ୍ରିଶ ମଲ୍ଲିକ ଏବଂ ବିଶ୍ୱମ୍ଭର ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସାହିଲ ଚୌଧୁରୀ ମ୍ୟାନ ଅଫ୍ ଦ ମ୍ୟାଚ, ଆରିୟନ୍ ମହାନନ୍ଦ ମ୍ୟାନ ଅଫ୍ ଦ ଟୁର୍ନାମେଣ୍ଟ, ବିକାଶ ମେହେର ଶ୍ରେଷ୍ଠ ଡିଫେନ୍ସ ଓ ସୁନୀଲ ପୁଟାଙ୍କୁ ଶ୍ରେଷ୍ଠ ରିଡର୍ ଭାବେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଡା. ରାଜକୁମାର ବଡପଣ୍ଡା ଓ ଧ୍ୟାନଦେବ ଡନସନାଙ୍କୁ ସମ୍ମାନୀତ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ସୂଚନା ପ୍ରଦାନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ମନୋରଞ୍ଜନ ପାଢ଼ୀ, ଅବଦୁଲ ଗଫାର, ସୁରେନ୍ଦ୍ର ମୋହନ ପୁରୋହିତ, ସୁକାନ୍ତ ବୋଷ, ସାହେବ ଖମାରୀ, ରାମ କର, ଉମେଶ ପ୍ରଧାନ, ଅମୂଲ୍ୟ ମିଶ୍ର, ପ୍ରେମରଞ୍ଜନ ପ୍ରଧାନ, ସୁରେନ୍ଦ୍ର ନାୟକ, ସ୍ୱରୂପ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ।



ଶନିବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ଦଳ ଚାମ୍ପିୟନ ଟ୍ରଫି ସହ ।

# ଜନ ସମସ୍ୟା ସମାଧାନ କର

**ସମ୍ବଲପୁର, ୧।୨ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବହୁବିଧ ସମସ୍ୟା ଲାଗି ରହିଛି। ସରଳ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜନସାଧାରଣ କିପରି ଅସୁବିଧା ନ ଭୋଗିବେ ସେ ଦିଗରେ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଉଚିତ । ନ ଚେତ ଆଗାମୀ ଦିନରେ ଜିଲା କଂଗ୍ରେସ କମିଟି ଦୁର୍ବାର ଆନ୍ଦୋଳନ କରିବ । ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଜିଲା ପ୍ରଶାସନ ଦାୟୀ ରହିବ। ଶନିବାର ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଅଶ୍ୱିନୀ କୁମାର ଗୁରୁ ଏହା ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ (ସ୍ୱେରେଜ ବୋର୍ଡ) ସମ୍ବଲପୁର ସହରରେ ଖାମଖିଆଲି ଓ ଦାୟିତ୍ୱହୀନ ଭାବେ କାର୍ଯ୍ୟ କରୁଛି । ୩୩୩ କୋଟି ବ୍ୟୟ ଅଟକଳରୁ ୮୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହାକି ୩୫ ପ୍ରତିଶତ । ଅପରପକ୍ଷେ ଏହି ସ୍ୱେରେଜ କାର୍ଯ୍ୟ ୩ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହେବା କଥା । କିନ୍ତୁ ତାହା ଏ ପର୍ଯ୍ୟନ୍ତ ଅସଂପୂର୍ଣ୍ଣ ଭାବେ ପଡି ରହିଛି । ଗଳି ରାସ୍ତା ଗୁଡିକ ସଂପୂର୍ଣ୍ଣ ଭାଙ୍ଗି ଗଲାଣି। ଏହା ସରଳ ସମ୍ବଲପୁରବାସୀଙ୍କ ପ୍ରତି ଅପମାନ। ସେହିପରି ମହାନଗର ନିଗମ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡିଛି । ଧୋବିଯୋର ନାଳା ପୁନରୁଦ୍ଧାର କାର୍ଯ୍ୟ ଅହେତୁକ ଭାବେ ବିଳମ୍ବ ହୋଇଛି ।

ଅତ୍ୟାଧୁନିକ ଫ୍ଲାଏ ଓଭର ଜନସାଧାରଣଙ୍କ ଦୁଃଖ ଭାବେ ଛିଡା ହୋଇଛି । ପ୍ରଶାସନିକ ଅଧିକାରୀଙ୍କ ଦୁର୍ବଳତା ଯୋଗୁ ବିକାଶ କାର୍ଯ୍ୟମନ୍ଥର ଗତିରେ ଚାଲିଛି । ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥା ନୀତିରେ ଚାଷୀ ଧାନ ବିକ୍ରି କରି ନ ପାରି ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ତେଣୁ ଧାନ କିଣା ବ୍ୟବସ୍ଥାକୁ ସିଧାସଳଖ କରାଯିବା ଉଚିତ । ଏଥିସହ ଅଧିକ ମଣ୍ଡି ବ୍ୟବସ୍ଥା ହେଲେ ଚାଷୀମାନେ ଉର୍ପାଜିତ ଶସ୍ୟ ଠିକ ଓ ସରଳ ଭାବେ ବିକ୍ରି କରିପାରିବେ । ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦୀର୍ଘ ଦିନର ଦାବି। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ରସରକାର ଉଦାସୀନ ରହୁଛନ୍ତି । ଚଳିତ ମାସ ୫ ତାରିଖରେ ହେବାକୁ ଥିବା ପଶ୍ଚିମ ଓଡିଶା ବନ୍ଦ ଡାକରାକୁ ଜିଲା କଂଗ୍ରେସ ସମର୍ଥନ କରିବ। ସେହିପରି କଳାହାଣ୍ଡି ଜିଲା କଂଗ୍ରେସ କମିଟି ଏଥିରେ କିପରି ସାମିଲ ହେବ ସେ ନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଜିଲା କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ତ୍ରିପାଠୀ ଓ ପ୍ରେମ ସାହାଣୀ, ସାଧାରଣ ସମ୍ପାଦିକା ସସ୍ମିତାରାଣୀ ଦେହୁରୀ ଓ ବିଜୟଲକ୍ଷ୍ମୀ ବେହେରା ଏବଂ ମହିଳା କଂଗ୍ରେସ ସଭାନେତ୍ରୀ ସୁତାପା ମିତ୍ର ଉପସ୍ଥିତ ଥିଲେ ।



ଶନିବାର ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ଗୁରୁ (ମଝି) ଖବରଦାତାଙ୍କୁ ସୂଚନ ଦେଉଛନ୍ତି ।

# ୧୦ ଦିନ ସମୟ ନେଲା କମ୍ପାନୀ

**ରେଙ୍ଗାଲି, ୧।୨ (ଡି.ଏନ.ଏ.)**

- ୯ ଦଫା ଦାବି ନେଇ ଏନ୍‌ଏଲ୍‌ସି ବିସ୍ଥାପିତଙ୍କ ଆନ୍ଦୋଳନ
- ଖଣି ଖନନ କାର୍ଯ୍ୟ ବନ୍ଦ କଲା ପରେ କମ୍ପାନୀର ଚେତା ପଶିଲା
- ଦାବି ପୂରଣ କରିବାକୁ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା-୨ ଓ -୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନଏଲସି ଓ ଠିକା ସଂସ୍ଥା ଆଦାନୀ କମ୍ପାନୀ ଦ୍ୱାରା ବିସ୍ଥାପିତ ଅଞ୍ଚଳବାସୀ ନିଜ ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି । ଗତ ୨୭ ତାରିଖ ଦିନ ବିସ୍ଥାପିତ ଅଞ୍ଚଳବାସୀ ନିଜ ହକ ପାଇଁ ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବା ସହ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ଶନିବାର ପୁଣି ଖିଣ୍ଡା ସରପଞ୍ଚ, ମାତୃଭୂମୀ ସଂଗଠନ ନେତୃତ୍ୱରେ ଶତାଧିକ ବିସ୍ଥାପିତ ଅଞ୍ଚଳବାସୀ ୯ ଦଫା ଦାବି ନେଇ ତଲାବିରା-୨ କୋଇଲା ଖଣିରେ ପହଞ୍ଚି ଆନ୍ଦୋଳନ କରିଥିଲେ। ଏନଏଲସି କମ୍ପାନୀର ଏଚଆର ମୁଖ୍ୟ ସୁବ୍ରତ ବିଶ୍ୱାଳ, ଆଦାନୀର ପ୍ରୋଜେକ୍ଟ ମୁଖ୍ୟ ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ବିସ୍ଥାପିତ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ୧୦ ଦିନ ମଧରେ ପ୍ରଶାସନ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଛି।

ତଲାବିରା ୨ ଓ ୩ କୋଇଲା ଖଣି ଦ୍ୱାରା ଖିଣ୍ଡା ପଞ୍ଚାୟତ ବିସ୍ଥାପିତ ହେଉଛି। ବିସ୍ଥାପିତ ଅଞ୍ଚଳବାସୀ ନିଜ ହକ ପାଇଁ ଯେତେ ଲଢ଼େଇ କଲେ ମଧ ତାଙ୍କ କଥା କେହି ଶୁଣୁ ନାହାନ୍ତି । ସେଥି ପାଇଁ ବିସ୍ଥାପିତ ଅଞ୍ଚଳବାସୀ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିଛନ୍ତି । ଶନିବାର ଶତାଧିକ ବିସ୍ଥାପିତ ଅଞ୍ଚଳବାସୀ ଖିଣ୍ଡା ସରପଞ୍ଚ ନିଳାବତୀ ଓରାମଙ୍କ ନେତୃତ୍ୱରେ ୯ଦଫା ଦାବି ନେଇ ତଲାବିରା ୨ କୋଇଲା ଖଣିରେ ପହଞ୍ଚି ଆନ୍ଦୋଳନ କରିଥିଲେ। ବିସ୍ଥାପିତ ଅଞ୍ଚଳବାସୀଙ୍କ ଦାବତ ଗୁଡିକ ହେଲା ଯେ, ଖିଣ୍ଡା ପଞ୍ଚାୟତରେ ପ୍ରତ୍ୟେକ ପରିବାରକୁ ପାଇପ ଲାଇନ ସଂଯୋଗ କରାଯାଇ ପିଇବା ପାଣି ଯୋଗାଣ ସକାଶେ ଏକ ମେଗା ୱାଟର ପ୍ରୋଜେକ୍ଟ କରାଯାଇ ପାନୀୟ ଜଳ ଯୋଗାଣ କରାଯାଉ । ସ୍ଥାନୀୟ ମେଡିକାଲରେ ପାଥୋଲାବର ବ୍ୟବସ୍ଥା କରାଯାଇ ସ୍ୱାସ୍ଥ୍ୟ କାର୍ଡ ଯୋଗେ ମାଗଣା ଚିକିତ୍ସା କରାଯାଉ। ଖିଣ୍ଡା ହସ୍ପିଟାଲକୁ ଏକ ଆମ୍ବୁଲାନ୍ସ ଯୋଗେଇ ଦିଆଯାଉ । ଖିଣ୍ଡା ପଞ୍ଚାୟତର ରାସ୍ତା ଘାଟ ନିର୍ମାଣ ସହ ଖିଣ୍ଡା ପଞ୍ଚାୟତର ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯାଉ। ଘର ମିଳିଥିବା ହିତାଧିକାରୀଙ୍କ ଘରକୁ ମରାମତି କରାଯାଉ। ଖିଣ୍ଡା ପଞ୍ଚାୟତର ବନ୍ଧକଟାକୁ ମରାମତି କରାଯାଉ। ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ଇଓଙ୍କ ପାଇଁ କ୍ୱାର୍ଟର ନିର୍ମାଣ କରାଯାଉ। ଖିଣ୍ଡା ପଞ୍ଚାୟତ ସରପଞ୍ଚ ନୀଳାବତୀ ଓରାମ, ମାତୃଭୂମି ସଭାପତି ହେମନ୍ତ କୁମାର ପାଣ୍ଡେ, ପିତାମ୍ବର ବିଶ୍ୱାଳ, ଉମାକାନ୍ତ ନାଥ, ଧିରେନ୍ଦ୍ର କୁମାର ପ୍ରଧାନ, ବିଜୟ କୁମାର ଭୋଇ, ରାକେଶରଞ୍ଜନ ତିୱାରୀ, ଜଳନ୍ଧର ବୁଢ଼ିଆ, ଗୁରୁଦେବ ସାହୁ, ହେମନ୍ତ ପଧାନ, କବିସୂର୍ଯ୍ୟ ରାଉତ, ପ୍ରଫୁଲ୍ଲ ପଧାନ, କୈଳାଶ ବୁଧିଆ, କିଶୋର ରୋହିଦାସ, ମିତ୍ରଭାନୁ ବାଗ ଏବଂ ୱାର୍ଡ ସଭ୍ୟ ଶରତ କୁମାର ଭୋଇ, ୱାର୍ଡ ସଭ୍ୟା ସୁଷମା ପାତ୍ର ଓ ଶତାଧିକ ବିସ୍ଥାପିତ ଅଞ୍ଚଳବାସୀ ଆନ୍ଦୋଳନରେ ସାମିଲ ହୋଇଥିଲେ।




ବିସ୍ଥାପିତଙ୍କ ସହ କମ୍ପାନୀ ଅଧିକାରୀ, ପୋଲିସ ଆଲୋଚନା କରୁଛନ୍ତି।



ମହୁମାଛି ଅନେକ ପରିଶ୍ରମ କରି ମହୁ ସଂଗ୍ରହ କରେ। କିନ୍ତୁ ଲୋକେ ଆସି ଫେଣାଭାଙ୍ଗି ମହୁ ନେଇଯାଆନ୍ତି। ଭୋଗ ନ କରି ବା ଦାନ ନ ଦେଇ ବହୁ କଷ୍ଟରେ ଧନ ସଞ୍ଚୟ କଲେ ଠିକ୍ ଏହିପରି ଅବସ୍ଥା ଘଟେ। - ରାମକୃଷ୍ଣ ପରମହଂସ

# ସିଟି ହସ୍ପିଟାଲ ଦାବିରେ ଜଳିଲା ନିଆଁ

ବରଗଡ଼ ଅଫିସ୍,୧।୨

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସିଟି ହସ୍ପିଟାଲ ଘୋଷଣା ଦାବିରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଶନିବାର ପୂର୍ବାହ୍ନ ୧୦ଟାରୁ କଂଗ୍ରେସର ୩ ଯୁବ ନେତା ନିପନ କୁମାର ଦାଶ, ବ୍ରହ୍ମାନନ୍ଦ ମହାକୁଡ଼ ଓ କିଶନ ଶର୍ମା ସ୍ଥାନୀୟ ଗାନ୍ଧୀଛକରେ ୨୪ଘଣ୍ଟିଆ ଅନଶନରେ ବସିଥିବାବେଳେ ଥାନାଛକରେ ଭାଜପା ଏବଂ ସେଲ୍ଫିଜୋନ୍ ଆଗରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ୩ଘଣ୍ଟିଆ ଧାରଣା ଦିଆଯାଇଥିଲା। ତେବେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରୁ ସହରରେ ଅସନ୍ତୋଷର ନିଆଁ ଜଳି ଉଠିଥିଲା । ସହରର ଭଟଲି ଛକ, ବାନ୍ଧୁଟିକ୍ରା ଛକ, ସହରାପଡ଼ା ଛକ, ବିଶିପଡ଼ା ଛକ, ଗୁରୁଦ୍ୱାରା ଛକ ଆଦି ପ୍ରମୁଖ ସ୍ଥାନ ଗୁଡ଼ିକରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ ସହିତ ସିଟି ହସ୍ପିଟାଲ ଦାବି କରିଥିଲେ। ଫଳରେ ସହର ମଧ୍ୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ପଡ଼ି ଯାଇଥିଲା। ଘଟଣାସ୍ଥଳକୁ ପୋଲିସ, ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା କରିଥିଲେ । ରାଜ୍ୟ ସରକାର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି) ଘୋଷଣା କରିଥିବା ଅଧିକାରୀବୃନ୍ଦ କହିଥିଲେ । ମାତ୍ର ଲୋକେ ସିଟି ହସ୍ପିଟାଲ ଦାବିରେ ଅଡ଼ି ବସିଥିଲେ।



ସିଟି ହସ୍ପିଟାଲ ଦାବିରେ ବରଗଡ଼ ଗାନ୍ଧୀଛକରେ କଂଗ୍ରେସର ଅନଶନ ।



ଥାନା ଛକରେ ଭାଜପା କର୍ମକର୍ତ୍ତା ଧାରଣା ଦେଉଛନ୍ତି।



ଭଟଲି ରୋଡ୍ ଛକରେ ଲୋକେ ରାସ୍ତା ଅବରୋଧ କରିଛନ୍ତି ।




ବରଗଡ଼ ସେଲ୍ଫିଜୋନରେ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଧାରଣା ଦେଉଛନ୍ତି ।

ଗାନ୍ଧୀଛକରେ କଂଗ୍ରେସ ପକ୍ଷରୁ ଚାଲିଥିବା ଅନଶନରେ ପ୍ରଦୀପ ଦେବତା, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପାଣ୍ଡବ କର୍ଣ୍ଣଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ସେହିପରି ଥାନାଛକରେ ଅନୁଷ୍ଠିତ ଭାଜପାର ଧାରଣାରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅକୃର ମଲ୍ଲିକ, ସୁଶାନ୍ତ ମିଶ୍ର, ସୁବ୍ରତ ହୋତା ପ୍ରମୁଖ ସାମିଲ ଥିଲେ । ବରଗଡ଼ ସେଲ୍ଫିଜୋନ ଆଗରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦିଆଯାଇଥିବା ଧାରଣାରେ ପବିତ୍ର ଦେହେରୀ, ରମେଶ ମହାପାତ୍ର, ଭବାନୀ ପ୍ରସାଦ ସାହୁ, ଗୁରୁପ୍ରୀତ ସିଂ, ସୁରେଶ୍ର ନେକେଷ୍ଟି, ମେରିୟମ ବାର୍ଲା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଏଠାରେ ପ୍ରକାଶଥାଉକି, ଗତ ୨୧ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଟଲି ବ୍ଲକ ଟୁକୁର୍ଲା(ଖେଦାପାଲି)ରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ । ଏହାପରେ ସହର ମଧ୍ୟରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରୁ ସ୍ୱାସ୍ଥ୍ୟସେବା ପାଇଁ ଉଦ୍ଦିଷ୍ଟ ସମସ୍ତ ପ୍ରମୁଖ ଯନ୍ତ୍ରପାତି, ଶଯ୍ୟା ଆଦି ସେଠାକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପର୍ଯ୍ୟାୟକ୍ରମେ ଜଣେ, ଦୁଇଜଣ ଲେଖାଏଁ ଡାକ୍ତର ଉପସ୍ଥିତ ରହୁଥିଲେ ହେଁ ଶୁକ୍ରବାରରୁ ଏଠାରୁ ଅନ୍ତର୍ବିଭାଗ, ବହିର୍ବିଭାଗକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି । ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଅସନ୍ତୋଷର ନିଆଁ କୁହୁଳି ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି।

## ସଂକ୍ଷେପରେ...

### ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧।୨

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲିସ୍ଥିତ ବାବା ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ । ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ସାହୁ ମୁଖ୍ୟଅତିଥି ଏବଂ ଅଧ୍ୟାପକ ଜଗଦିଶ ଭୋଇ ମୁଖ୍ୟବକ୍ତାଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପକ ବାସୁଦେବ ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ବ୍ୟାଙ୍କ ଧର୍ମଘଟ ଯୋଗୁ ଲୋକେ ପ୍ରଭାବିତ

ଜାମଟିକ୍ରା, ୧।୨ (ଡି.ଏନ.ଏ)

ବେତନ ସଂଶୋଧନ ନେଇ ଆରମ୍ଭ ହୋଇଛି ବ୍ୟାଙ୍କ ଧର୍ମଘଟ । ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ୨ ଦିନିଆ ବନ୍ଦ ଡାକରା ଦିଆଯାଇଛି । ସମାନୁପାତିକ ଦରମା, ୫ ଦିନ ବ୍ୟାକିଂ, ବିଶେଷ ଭତ୍ତାର ମୂଳ ଦରମା ସହ ସମ୍ମିଶ୍ରଣ, ନୂତନ ପେନସନ ଯୋଜନା ବନ୍ଦ କରିବା, ପାରିବାରିକ ପେନସନରେ ଉନ୍ନତି, ଛୁଟି ପ୍ରଚଳନ, ସମାନ କାମକୁ ସମାନ ଦରମା ଭିତ୍ତିରେ କର୍ମଚାରୀ ନିଯୁକ୍ତି ଭଳି ୧୨ ଦଫା ଦାବିରେ ଆନ୍ଦୋଳନ ଡାକରା ଦିଆଯାଇଛି । ଏଥିରେ ଗ୍ରାମ୍ୟ ବ୍ୟାଙ୍କ ସମେତ ୨୭ଟି ବ୍ୟାଙ୍କ ସାମିଲ ହୋଇଛନ୍ତି । ବରଗଡ ଜିଲା ଅତାବିରା ବ୍ଲକରେ ମଧ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । କର୍ମଚାରୀମାନେ ବ୍ୟାଙ୍କ ଆଗରେ ଧାରଣା ଦେବା ସହ ଦାବୀ ପୂରଣ ଲାଗି ସ୍ଲୋଗାନ ଦେଇଥିଲେ। ସେପଟେ ବ୍ୟାଙ୍କ ବନ୍ଦ ଯୋଗୁ ଲୋକେ ଏଟିଏମରୁ ଟଙ୍କା ଉଠାଇବାରେ ଅସୁବିଧା ଭୋଗୁଛନ୍ତି।

### ଜାତୀୟ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ଅମ୍ବାଭୋନା, ୧।୨ (ଡି.ଏନ.ଏ.)

ବରଗଡ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି ସଭାଗୃହରେ ଜାତୀୟ ଯକ୍ଷ୍ମା ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଓ ତାଲିମ ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲଫାନ୍ସ ବିଲୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡା. ହିତାକାଂକ୍ଷୀ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିପିଏମ ଭରତଭୂଷଣ ପାତ୍ର, ଡିପିସି ଶୋଭନ କର, ଏସଟିଏସ ସୁଶାନ୍ତ କୁମାର ପ୍ରଧାନ, ବିଏମ ଉମେଶ ଚନ୍ଦ୍ର ପ୍ରଧାନ, ବିଡିଏମ ମେଘନାଦ ପ୍ରଧାନ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ ଓ ଉପଚାର ବିଷୟରେ ସୂଚନା ଦେଇଥିଲେ। ବ୍ଲକର ସମସ୍ତ ସୁପରଭାଇଜର, ଏଏନଏମ କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଧାନ ଘରଘର ବୁଲି ଯକ୍ଷ୍ମା ରୋଗୀ ଚିହ୍ନଟ ଓ ସଚେତନତା କରିବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ବିପିଏ ଭରତ ଭୂଷଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜଳେଶ୍ୱର ପୀଠରେ ତିଳସପ୍ତମୀ ସ୍ନାନ ଉତ୍ସବ

ଭେଡ଼େନ, ୧।୨ (ଡ଼ି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଦନ୍ତା ଓ ଜୀରା ନଦୀ ସଙ୍ଗମସ୍ଥଳ ଦୁଇମୁହାନିରେ ଥିବା ଜଳେଶ୍ୱର ମହାଦେବ ପୀଠରେ ତିଳ ସପ୍ତମୀ ସ୍ନାନ ପାରମ୍ପରିକ ଉତ୍ସାହ ସହ ଦୁଇ ଦିନ ଧରି ପାଳିତ ହୋଇଛି। ଚନ୍ଦଲି ସୁଲେଇ ଶ୍ରୀ ଗୋବିନ୍ଦ ମଠର ମହନ୍ତ ବୃନ୍ଦାବନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶୁକ୍ରବାର କଳସ ସ୍ଥାପନ, ଦେବ ଆବାହନ, ପୂଜନ ହୋମ ହୋଇଥିଲା। ଏହାସହ ଦିପ୍ତୀ ସିଂ ପ୍ରବଚନ ପ୍ରଦାନ କରିଥିଲେ। ଶନିବାର ତିଳସପ୍ତମୀ ପ୍ରାତଃରେ ବହୁ ଶ୍ରଦ୍ଧାଳୁ ସଙ୍ଗମ ସ୍ଥଳରେ ଚନ୍ଦ୍ରଭାଗା ସ୍ନାନ ବୁଡ଼ ପକାଇଥିଲେ। ଏହି ଅବସର ମାନଭଞ୍ଜନ ବ୍ରହ୍ମଚାରୀ ପ୍ରବଚନ ପ୍ରଦାନ କରିଥିଲେ। ପରେ ସାଧୁ ସେବା ସହ ପରେ ଭକ୍ତଙ୍କୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ପଦ୍ମନାଭ ଦାଶ ଓ ମଞ୍ଜୁଲତା ଦାଶ କର୍ତ୍ତା ଏବଂ ପଣ୍ଡିତ ପବିତ୍ର ଦାଶ ପୁରୋହିତ ଦାୟିତ୍ୱ ସମ୍ପାଦନ କରିଥିଲେ। ଭେଡ଼େନ ବିଡ଼ିଓ ମୂରଲୀଧର ନାୟକ ଉଦଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ଏହି ପୀଠରେ ଏକ ନାମ ମଣ୍ଡପ କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଭେଡ଼େନ କୁତପାଲି ଜଳେଶ୍ବର ବାବା କମିଟିର ସମସ୍ତ ସଦସ୍ୟ ଓ ଅନ୍ୟ ଅଞ୍ଚଳବାସୀ ସହଯୋଗ କରିଥିଲେ।

# କାର୍ଯ୍ୟକ୍ଷମ ହେଉନି ଦୁଗ୍ଧ ଶୀତଳୀକରଣ ଭଣ୍ଡାର

କନ୍ଧମାଳ,୧।୨ (ଡି.ଏନ.ଏ.)

ବୌଦ୍ଧ ଜିଲା କନ୍ଧମାଳରେ ଥିବା ଦୁଗ୍ଧ ଶୀତଳୀକରଣ ଭଣ୍ଡାର ଦୀର୍ଘ ବର୍ଷ ହେଲା କାର୍ଯ୍ୟକ୍ଷମ ନହୋଇ ପଡି ରହିଛି। ଫଳରେ ସରକାରୀ ଯୋଜନାରୁ ଦୁଗ୍ଧଚାଷୀ ବଞ୍ଚିତ ହେଉଛନ୍ତି। ଓମ୍‌ଫେଡ ତରଫରୁ ପ୍ରତିଷ୍ଠା ହୋଇଛି ଦୁଗ୍ଧଶୀତଳୀକରଣ ଭଣ୍ଡାର। ଏହି ଭଣ୍ଡାରରେ ଗ୍ରାମାଞ୍ଚଳର ଦୁଗ୍ଧଚାଷୀ ଦୁଗ୍ଧ ଆଣି ବିକ୍ରି କରିବା ବ୍ୟବସ୍ଥା ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଓମ୍‌ଫେଡ ତାହାକୁ ପ୍ରାସେସିଂ କରି ଗ୍ରାହକଙ୍କୁ ବିକ୍ରି କରୁଛି। ୨ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ଶୀତଳୀକରଣ ପ୍ରକଳ୍ପ ପ୍ରଥମେ ୧୯୯୫ରେ ବୌଦ୍ଧ ଜିଲାର ଚାରିଛକଠାରେ ପ୍ରତିଷ୍ଠା ହୋଇଥିଲା। ପରେ ବୌଦ୍ଧ ସଦର ମହକୁମାରେ ୧ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳିକରଣ ଭଣ୍ଡାର ପ୍ରତିଷ୍ଠା ହୋଇଥିଲା। ଏହାପରେ ମନମୁଣ୍ଡା ଓ କନ୍ଧମାଳରେ ୫ଶହ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ ଭଣ୍ଡାର ପ୍ରତିଷ୍ଠା ହୋଇଥିଲା । ତେବେ ମନମୁଣ୍ଡାରେ ଏହା କାର୍ଯ୍ୟକ୍ଷମ ଥିବାବେଳେ କନ୍ଧମାଳରେ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି। ପଲଶାଗୋରା, ଖଟଖଟିଆ ଓ ଦପଲା କେନ୍ଦ୍ରରୁ ଦୁଗ୍ଧ ସଂଗ୍ରହ ହୋଇ ମନମୁଣ୍ଡାକୁ ଯାଉଛି। କନ୍ଧମାଳ, ଘଣ୍ଟାପଡା ଓ ଆମ୍ବଗାଁ ତଥା ବରଗାଁରେ ଆବଶ୍ୟକ ଭିତ୍ତିଭୂମି ଥାଇ ଚାଷୀ କ୍ଷୀରକୁ ଉଚିତ ଦରରେ ବିକ୍ରି କରି ପାରୁନାହାନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷି ଓ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ ଗୋପାଳନ ପାଇଁ ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ କରାଯାଉଛି। ଗ୍ରାମାଞ୍ଚଳରେ ଗୋପାଳନ ଲୋକକଙ୍କୁ ଜୀବନ ଜୀବିକା ଯୋଗାଇ ଦେଉଛି। କନ୍ଧମାଳ ଅଞ୍ଚଳରେ ଦୁଗ୍ଧ ଶୀତଳିକରଣ ଭଣ୍ଡାର କାର୍ଯ୍ୟକ୍ଷମ ନ ଥିବାରୁ ଏ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଆଗ୍ରହ ଦେଖାଉ ନାହାନ୍ତି। ଏଣୁ ସରକାରଙ୍କ ଲୋକ ହିତକର ଯୋଜନାରୁ ଚାଷୀ ବଞ୍ଚିତ ହେଉଛନ୍ତି। ୩୦ ବର୍ଷ ତଳେ ଗଠିତ ଦୁଗ୍ଧ ସମବାୟ ସମିତି ସବୁ ଏଇ ଅଞ୍ଚଳରେ ସେମିତି ପଡି ରହିଛି। ତେବେ କନ୍ଧମାଳ ପ୍ରାଣୀଧନ ଅଧିକାରୀ ଡାକ୍ତର ଜନ୍ମେଜୟ ମହାଳିକ କହିଛନ୍ତି ଯେ, କନ୍ଧମାଳରେ ୨୦ ବର୍ଷ ହେଲା ଚିଲିଂପ୍ଲାଣ୍ଟ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି। ଏହା ଓମ୍‌ଫେଡ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ଆମ ବିଭାଗ ସହ ଏହାର ସମ୍ପର୍କ ନାହିଁ। ତେବେ ଆମେ ନିକଟରେ କନ୍ଧମାଳରେ ଦୁଗ୍ଧଚାଷୀଙ୍କ ନିମନ୍ତେ ଏକ ସମବାୟ ସମିତି ସ୍ଥାପନ କରି ତାହା ଜରିଆରେ ଦୁଗ୍ଧ ସଂଗ୍ରହ କରୁଛୁ।

# ସିଟି ହସ୍ପିଟାଲ ବିଚାରାଧୀନ ରହିଛି

ବରଗଡ଼ ଅଫିସ୍,୧।୨

ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ଉଦ୍‌ଘାଟନ ହେବାର ବହୁପୂର୍ବରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ୪୦ଶଯ୍ୟା ବିଶିଷ୍ଟ ସିଟି ହସ୍ପିଟାଲ କିମ୍ବା ଅର୍ବାନ ୱେଲନେସ୍ ସେଣ୍ଟର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି ଉପସ୍ଥାପନ କରିଛି । ତାହା ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି । ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଏକ ପ୍ରେସ ବିବୃତିରେ ଏହା ଜଣାଇଛନ୍ତି ।

ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁକୁର୍ଲା (ଖେଦାପାଲି)ରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟନ କରିବା ପରେ ଶୁକ୍ରବାର ସେଠାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଛି । ଏହି ସ୍ଥାନାନ୍ତରଣ ପରେ ବିଭିନ୍ନ ସାମାଜିକ ସଂଗଠନ, ରାଜନୈତିକ ଦଳ ପକ୍ଷରୁ ପୁରୁଣା ଚିକିତ୍ସାଳୟରେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ସହିତ ଏହାକୁ ସିଟି ହସ୍ପିଟାଲ ଦାବିରେ ଧାରଣା, ଅନଶନ କରାଯାଉଛି। ବରଗଡ଼ର ବର୍ତ୍ତମାନ ଜନସଂଖ୍ୟା ପାଖାପାଖି ୧ଲକ୍ଷ ଏବଂ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀସେବା ଯୋଗାଇବା ନିହାତି ଆବଶ୍ୟକ । ସେହିପରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହେବା ପରେ ମଧ୍ୟ ସ୍ୱାସ୍ଥ୍ୟସେବା ସେଠାରେ ବନ୍ଦ କରାଯାଇ ନାହିଁ । ପୁରୁଣା ଡାକ୍ତରଖାନାରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୨ଜଣ, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜଣେ, ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜଣେ, ସନ୍ଧ୍ୟା ୫ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଜଣେ ଏବଂ ରାତି ୧୦ଟାରୁ ପରଦିନ ସକାଳ ୮ଟା ପର୍ଯ୍ୟନ୍ତ ୨ଜଣ ଡାକ୍ତରଙ୍କ ସହିତ ପାରା ମେଡ଼ିକାଲ ଷ୍ଟାଫ, ଫାର୍ମାସୀ, ନର୍ସ ଆଦି ଉପଲବ୍ଧ ଅଛନ୍ତି । ଏହାବାଦ୍ ବରଗଡ଼ ସହରର ରେଲୱେ ଷ୍ଟେଶନ ପାଖ ଜୟଗୁରୁ ମନ୍ଦିର, ହାଟପଦାସ୍ଥିତ ଜୟଦୁର୍ଗା ମନ୍ଦିର ନିକଟରେ ଗୋଟିଏ ଲେଖାଏଁ ଅର୍ବାନ୍ ପ୍ରାଇମେରୀ ହେଲଥ୍ ସେଣ୍ଟର ଦୀର୍ଘଦିନରୁ ରହି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ଆସୁଛି । ଏଭଳିସ୍ଥଳେ ଲୋକଙ୍କୁ ବିଭ୍ରାନ୍ତ କରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରି ଦିଆଯିବ ବୋଲି ବିଭିନ୍ନ ରାଜନୈତିକ ଦଳ ବିଭ୍ରାନ୍ତିକର ତଥ୍ୟ ଦେବା ହାସ୍ୟାସ୍ପଦ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ ବୋଲି ସେ କହିଛନ୍ତି।

# ସିଟି ହସ୍ପିଟାଲ ଦାବିରେ ଆନ୍ଦୋଳନ ଚେତାବନୀ

ବରଗଡ଼ ଅଫିସ୍,୧।୨

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସିଟି ହସ୍ପିଟାଲ ଭାବେ ଘୋଷଣା ଦାବିଜୋର୍‌ଧରିବସିଛି । ଏହି ଦାବି ନେଇ ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇଛନ୍ତି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିପରି ଜିଲାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରିବା ପାଇଁ ଏହି ପ୍ରତିନିଧି ଦଳ ସ୍ମାରକପତ୍ରରେ ଦାବି ଉପସ୍ଥାପନ କରିଥିଲେ । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭାଜପା ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି । ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୌରୀଚରଣ ବାରିକ, ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅବନୀକାନ୍ତ ପଣ୍ଡା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ଭାଜପା ପ୍ରତିନିଧିମାନେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ପୁରୁଣା ହସ୍ପିଟାଲକୁ ପିଏଚସି ଘୋଷଣା

ବରଗଡ଼ ଅଫିସ୍,୧।୨

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଶନିବାର ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି) ଘୋଷଣା କରିଛନ୍ତି । ବରଗଡ଼ ସହର ମଧ୍ୟରୁ ଟୁକୁର୍ଲା(ଖେଦାପାଲି)କୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ପରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସିଟି ହସ୍ପିଟାଲ ଘୋଷଣା ଦାବି ଜୋର୍ ଧରିବା ପରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇଥିଲେ। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ୪୦ଶଯ୍ୟା ବିଶିଷ୍ଟ ସିଟି ହସ୍ପିଟାଲ ମାନ୍ୟତା ଦେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ବର୍ତ୍ତମାନ ପାଇଁ ପିଏଚସି ଭାବେ ଘୋଷଣା କରିଥିବା ଜଣାପଡ଼ିଛି।

# କୁଷ୍ଠ ନିରାକରଣ ଦିବସ ପାଳିତ

ଭେଡ଼େନ, ୧।୨(ଡ଼ି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡ଼. ସୁଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଡ଼ିଓ ମୂରଲୀଧର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ଼ା. ରୋଜି ପଧାନ, ଡ଼. ପ୍ରଶାନ୍ତ ଗୋୟଲ, ଆସିଡ଼ିଏସ ସୁପରଭାଇଜର ଅନିତା ପୁରୋହିତ, ସିଆରସିସି କ୍ଷୀତେଶ୍ୱର ବେହେରା, ଅରୁଣ ଭୋଇ ପ୍ରମୁଖ ଯୋଗଦେଇ କୁଷ୍ଠ ନିରାକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ଼ ଜିଲାପାଳଙ୍କ ବାର୍ତ୍ତା ପଠନ କରାଯିବା ସହ ସମସ୍ତେ କୁଷ୍ଠ ରୋଗ ସଚେତନତା ଶପଥ ପାଠ କରିଥିଲେ। ବିହାରୀ ବାରିକ ଏବଂ ଅଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଯୋଗଦେଇ ଶପଥପାଠ କରିଥିଲେ। ଏହାସହ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ଗାଁ କଲ୍ୟାଣ ସମିତିରେ ମଧ ସଚେତନତା ସଭାମାନ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଫେବୃୟାରୀ ୧୩ତାରିଖ ପର୍ଯ୍ୟନ୍ତ ଏହି ସଚେତନତା ପକ୍ଷ ବିଭିନ୍ନ ଗ୍ରାମରେ ପାଳିତ ହେବ।



ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁଷ୍ଠ ସଚେତନତା ଶପଥ ପାଠ କରାଯାଉଛି।

# ରୟାଲ ଷ୍ଟ୍ରାଇକର୍ସ ସିରିଜ୍ ଚାମ୍ପିୟନ

ବରଗଡ଼ ଅଫିସ୍,୧।୨

ବରଗଡ଼ର ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ଟେକ୍ନିକାଲ କ୍ୟାମ୍ପସରେ ଛାତ୍ରାବାସ ଅନ୍ତେବାସୀଙ୍କ ପକ୍ଷରୁ ତୃତୀୟ ଯଦୁମଣି ଶେଖର ବଚ୍ଛା ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜାନୁୟାରୀ ୨୧ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ବ୍ଲୁ ଡାଇମଣ୍ଡ, ରୟାଲ ଷ୍ଟ୍ରାଇକର୍ସ, ଟାଇଟନ୍ସ, ଶୋଲ ଷ୍ଟାଟନ୍ସ, ଜେକ୍ସନ୍ ଇଲେଭେନ, ବ୍ରହ୍ମା ବୁଲକ୍ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ରୟାଲ ଷ୍ଟାଇକର୍ସ ସିରିଜ ଚାମ୍ପିୟନ ହୋଇଥିଲା । ବିକାଶ ଗ୍ରୁପର ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରତିଯୋଗିତାକୁ ଉଦଘାଟନ କରିଥିବାବେଳେ ଉଦଯାପନୀ ସମାରୋହରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୂରଲୀ କ୍ରୀଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ ମହାପାତ୍ର, ପୁଷ୍ପିତା ପଣ୍ଡା, ପୂର୍ଣ୍ଣେନ୍ଦୁ ମିଶ୍ର, ଡା. ରବି କୁମାର, ପିତାମ୍ବର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଆର.ଏସ.ଭି କ୍ରୀଷ୍ଣା ଏବଂ ଆଦିତ୍ୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ବିକାଶ କ୍ୟାମ୍ପସର ଅଧ୍ୟାପକ ସମୂହ ଏବଂ ଛାତ୍ରାବାସ ଅନ୍ତେବାସୀ ସହଯୋଗ କରିଥିଲେ।



ବିକାଶ ଗ୍ରୁପ କର୍ମକର୍ତ୍ତାଙ୍କ ଗହଣରେ କୃତୀଦଳର ଖେଳାଳିବୃନ୍ଦ ।

# ଶହୀଦ ଦିବସ ପାଳିତ

ଜାମଟିକ୍ରା, ୧।୨ (ଡି.ଏନ.ଏ.)

ଅତାବିରା ବ୍ଲକ ଅନ୍ତର୍ଗତ ଖଲିଆପାଲିଠାରେ ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ତିଥି ତଥା ଶହୀଦ ଦିବସ ପାଳିତ ହୋଇଛି। ବିନୋଦ ଦାସଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ନକୁଳ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଦେଶ ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାତ୍ମା ଗାନ୍ଧୀଙ୍କ ସମେତ ବହୁ ବୀର ଶହୀଦ ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ ଆଜି ଦେଶର ଶହୀଦ ଦିବସ ପାଳନ ଅବସରରେ ଗାନ୍ଧୀଙ୍କ ଶାନ୍ତି ଓ ଅହିଂସା ମାର୍ଗ ପ୍ରଣିଧାନଯୋଗ୍ୟ । ଅନ୍ୟତମ ଅତିଥି ରାଜୀବ ସାହୁ ଯୋଗ ଦେଇଥିଲାବେଳେ ନବୀନ ସା ଧନ୍ୟବାଦ ଅର୍ପଣ କରିଥିଲେ।

ନିଜକୁ ଖୋଜିବାର ସବୁଠୁ ସହଜ ଓ ସରଳ କୌଶଳ ହେଉଛି, ନିଜକୁ ଅନ୍ୟମାନଙ୍କ ସେବାରେ ନିୟୋଜନ କରିବା।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ବୃତ୍ତି ଚୟନ କର୍ମଶାଳା

**ବଙ୍ଗୋମୁଣ୍ଡା, ୧।୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃତ୍ତିଚୟନ କର୍ମଶାଳା ଅଧକ୍ଷା ମିନତୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସନାତନ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃତ୍ତିଚୟନ ସମ୍ପର୍କୀୟ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ଲକ୍ଷ୍ମଣ ବାରିକ ସଂଯୋଜନା କରିଥିଲେ । ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଅଣ ଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ଲୋଇସିଂହା,୧।୨(ଡି.ଏନ.ଏ.):** ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଡ଼.ଦଳଗନ ମେମୋରିଆଲ ଟ୍ରଷ୍ଟ ଦୀପ୍ତିପୁର ତରଫରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଗଲପୁର ଓ ବରଗଡ ଜିଲା ଗାଇସିଲାଟ ବ୍ଲକର ୭୩ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ । ଚକ୍ଷୁ ବିଶେଷଜ୍ଞ ଡ଼. ସୁଶୀଲ କୁମାର କର, ଏମଡି ଡ଼ ସତ୍ୟବ୍ରତ ଚୌହାନ, ନିର୍ଦ୍ଦେଶକ ଡିଏସଏମ ପ୍ରତ୍ୟୁଷ ରଞ୍ଜନ ସୁନା, ସିଦ୍ଧାର୍ଥ ଦାସ, ନିମୁଏଲ ନନ୍ଦ ଓ ସାଥୀ ଡାକ୍ତର ଚକ୍ଷୁ ପରୀକ୍ଷା କରିଥିଲେ । ସରପଞ୍ଚ ଆନନ୍ଦ କୁମାର ବିଶି, ୱାର୍ଡ ସଭ୍ୟାସଭ୍ୟ ଓ ଶିକ୍ଷକ ଜୟଦେବ ମହାକୁର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କାର୍ ଡ୍ରାଇଭରଙ୍କ ସମେତ ୬ ଗିରଫ

**ବଲାଙ୍ଗୀର ଅଫିସ, ୧।୨**


ଗିରଫ ୬ ଲୁଟେରାଙ୍କୁ ପୋଲିସ ଖବରଦାତା ସମ୍ମିଳନୀରେ ହାଜର କରିଛି ।

**ପଥର ମାରି ୪ ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ**
- ୮୩ ହଜାର ଟଙ୍କା, ବାଇକ୍, ୭ ମୋବାଇଲ ଫୋନ୍ ଜବତ୍
- ପୂର୍ବରୁ ଏକ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଥିଲେ କାର ଡ୍ରାଇଭର

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବଲାଙ୍ଗୀର-ଦେଓଗାଁ ୨୬ ନମ୍ବର ଜାତୀୟ ରାଜପଥର ସିନ୍‌ଖମନ ଢ଼ାବା ନିକଟରେ ଗତ ୨୨ତାରିଖ ଦିନ ଏକ କାର ଉପରକୁ ପଥର ମାରି ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ଘଟଣାରେ ସମ୍ପୃକ୍ତ କାର ଡ୍ରାଇଭରଙ୍କ ସମେତ ୬ ଜଣ ଗିରଫ ହୋଇଛନ୍ତି । ସେମାନଙ୍କଠାରୁ ୮୩ ହଜାର ୮ ଶହ ଟଙ୍କା, ଲୁଟ୍‌ରେ ବ୍ୟବହୃତ ବାଇକ (ଓଡି୦୩ ଏନ୍ ୫୭୩୨) ଓ ୭ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କାର ଡ୍ରାଇଭର କ୍ରିଷ୍ଣା ଓରଫ୍ ପ୍ରମୋଦ୍ କୁମାର ସେଠ୍ (୨୭), ଗାନ୍ଧୀନଗରପଡାର ରବି ସାହୁ (୨୬), ଆଶୁତୋଷ ମନହୀରା (୩୦), ରେଲୱେ ଷ୍ଟେସନ ମହାଦେବନଗରର ରାଜୀବ ପାତ୍ର (୨୫), ଜୁନ୍‌ହାଡିହିର ଶିବ ଜାଲ (୨୮) ଓ ଭୁର୍ଷିପାଳିର ପିଛାଲୁ ଓରଫ୍ ସୁବାସ ବାଗ (୨୪)।

ବଲାଙ୍ଗୀର ପ୍ୟାଲେସ ଲାଇନ୍‌ରେ ରହୁଥିବା ଲୋକନାଥ ମେହେର ଗତ ୨୨ ତାରିଖ ଦିନ ଜରାସିଂହା ସମବାୟ ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ଉଠାଇ ଏକ କାରରେ ବଲାଙ୍ଗୀରସ୍ଥିତ ଘରକୁ ଫେରୁଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ସିନଖମନ ଢ଼ାବା ନିକଟରେ ଦୁଇଜଣ ଯୁବକ ବାଇକରେ ଆସି କାର ଉପରକୁ ପଥର ମାଡ କରିଥିଲେ । ଅନ୍ୟ ୩ ଜଣ ଯୁବକ କାର ପାଖରେ ରହିଥିଲେ । ପଥର ମାଡ ପରେ ଡ୍ରାଇଭର କ୍ରିଷ୍ଣା ସେଠ୍ ଗାଡି ଅଟକାଇ ଦେବାରୁ ଦୁଇ ଲୁଟେରା କାଚ ଭାଙ୍ଗି ଭିତରେ ୪ ଲକ୍ଷ ଟଙ୍କା ଥିବା ବ୍ୟାଗ ଝାମ୍ପିନେଇ ପଳାଇ ଯାଇଥିଲେ । ଏନେଇ ମେହେର ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା (ନଂ.୨୭/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ କାର ଡ୍ରାଇଭର ସେଠ୍‌ଙ୍କୁ ପଚରାଉଚରା କରିଥିଲା । ୨୨ ତାରିଖ ଦିନ ମେହେର ଜରାସିଂହା ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଧରି କାରରେ ବସିବା ପରେ ଡ୍ରାଇଭର କ୍ରିଷ୍ଣା ଅନ୍ୟତମ ଅଭିଯୁକ୍ତ ରବି ସାହୁଙ୍କୁ ମୋବାଇଲ ଫୋନ୍‌ରେ ସୂଚନା ଦେଇଥିଲେ। ଏହାପରେ ରବି ସାହୁ ଓ ଆଶୁତୋଷ ମନହୀରା ଅନ୍ୟ ୩ ସହଯୋଗୀଙ୍କ ମିଶି ଲୁଟ୍ ଯୋଜନା କରିଥିଲେ । ଦୁଇଟି ବାଇକ୍‌ରେ ସେମାନେ ସିନଖମନ ଛକରେ ଛପି ରହିଥିଲେ ଓ ଲୋକନାଥ ବସିଥିବା କାର ଆସିବା ପରେ ଯୋଜନା ମୁତାବକ ପଥର ମାଡ କରିଥିଲେ। କ୍ରିଷ୍ଣା କାର ଅଟକାଇ ଦେଇଥିଲେ । ଅଭିଯୁକ୍ତମାନେ ଲୋକନାଥଙ୍କ ତଣ୍ଟିକୁ ଚାପି ଦେଇ ୪ ଲକ୍ଷ ଟଙ୍କା ଭର୍ତ୍ତି ଥିବା ବ୍ୟାଗ ଧରି ଚମ୍ପଟ ହୋଇଯାଇଥିଲେ । ଏସଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ଚାଲିଥିବା ତଦନ୍ତରେ ସଦର ଥାନା ଆଇଆଇସି ତୋଫାନ୍ ବାଗ ଓ ଅନ୍ୟ ପୋଲିସ କର୍ମଚାରୀ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଶନିବାର ସଦର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଡିସନାଲ ଏସପି ମନୋରଞ୍ଜନ ପ୍ରଧାନ ଓ ଏସଡିପିଓ ବାରିକ ଉପରୋକ୍ତ ସୂଚନା ଦେଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ୨୯ ସେପ୍ଟେମ୍ବର ୨୦୧୭ରେ ସୁରେନ୍ଦ୍ର ମାହାର ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା ପରେ ପଣ୍ଡରାପିଟାରେ ମୃତଦେହରେ ନିଆଁ ଲଗାଇ ପୋଡି ଦିଆଯାଇଥିଲା । ଏହି ଘଟଣାରେ ପ୍ରକାଶ ବାହଦୂର ବନ୍‌ସିତ୍ ଗିରଫ ହୋଇଥିଲେ। ମୃତଦେହ ନେବାରେ ଏବଂ ପୋଡିବାରେ ସହଯୋଗ କରିଥିବା ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗିରଫ କାର ଡ୍ରାଇଭର କ୍ରିଷ୍ଣା ସେଠ୍ ସେହି ଫେରାର ଅଭିଯୁକ୍ତ ଥିଲା ବୋଲି ଏସଡିପିଓ ବାରିକ ଆଜିର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ।

# ବିବାହ ବାର୍ଷିକୀରେ ଦମ୍ପତିଙ୍କ ଶରୀର ଦାନ ନିଷ୍ପତ୍ତି

**କଣ୍ଟାବାଞ୍ଜି ୧।୨(ଡି.ଏନ.ଏ.)**

- ରକ୍ତଦାନରେ ଦମ୍ପତିଙ୍କ ପରିବାର ସଦସ୍ୟ ବି ଦେଖାଇଛନ୍ତି ଉଦାରତା
- ୭୦ବର୍ଷରେ ୫୦ଥର ରକ୍ତଦାନ କରିଛନ୍ତି ବିଜୟ
- ବଡ ପୁଅ ୩୦ଥର, ସାନ ପୁଅ ୨୨ଥର, ପୁତ୍ରବଧୂ କଲେଣି ୩ଥର ରକ୍ତଦାନ

ଜନ୍ମଦିନ, ବିବାହ ବାର୍ଷିକୀ ଏବଂ ଜୀବନର ସ୍ମରଣୀୟ ମୁହୂର୍ତ୍ତକୁ ପ୍ରତ୍ୟେକ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରିଥାନ୍ତି। ଭୋଜିଭାତ, ବୁଲାବୁଲି ଓ ମନ୍ଦିର ଦର୍ଶନ କରି ଏହି ଦିନକୁ ବିତାଇବାରେ ଦେଖାଯାଇଥାଏ। ହେଲେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ବିଜୟ କୁମାର ବଂଶଲ ଦମ୍ପତି ତାଙ୍କ ବିବାହର ୫୦ବର୍ଷ ପୂର୍ତ୍ତୀକୁ ଅଭିନବ ଢଙ୍ଗରେ ପାଳନ କରିଛନ୍ତି। ସେମାନଙ୍କ ଶରୀରକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରି ଆବଶ୍ୟକ କାଗଜପତ୍ର ଦାଖଲ କରିଛନ୍ତି।

କଣ୍ଟାବାଞ୍ଜି ସହର ବଜାରପଡାର ବିଜୟ କୁମାର ବଂଶଲ(୭୦) । ସ୍ତ୍ରୀ ଇନ୍ଦୁ(୬୫), ପୁଅ ଆଜାଦ, ଆକାଶ, ଝିଅ ଓ ପୁତ୍ରବଧୂଙ୍କୁ ନେଇ ତାଙ୍କ ପରିବାର। ଜଣାଶୁଣା ସାମାଜିକ କର୍ମୀଭାବେ ପରିଚିତ ବିଜୟ ସମ୍ପ୍ରତି ଜିଲା ଆଥଲେଟିକ ଆସୋସିଏଶନର ସଦସ୍ୟ ଅଛନ୍ତି। ଜାନୁୟାରୀ ୩୧ତାରିଖ ଥିଲା ବିଜୟ ଓ ଇନ୍ଦୁଙ୍କ ୫୦ତମ ବିବାହ ବାର୍ଷିକୀ। ଏହି ଦିବସକୁ ବଂଶଲ ଦମ୍ପତି ଏକ ଭିନ୍ନଢଙ୍ଗରେ ପାଳନ କରିବାକୁ ବହୁ ପୂର୍ବରୁ ସ୍ଥିର କରିଥିଲେ। ଶରୀର ଦାନ କରିବାକୁ ଉଭୟେ ନିଷ୍ପତ୍ତି ନେଇଥିଲେ। ଆଉ ସେମାନଙ୍କ ନିଷ୍ପତ୍ତିକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କଲେ ପରିବାରର ଅନ୍ୟ ସଦସ୍ୟମନେ। ଏଥିପାଇଁ ଜାନୁୟାରୀ ୨୪ତାରିଖ ଦିନ ଉଭୟେ ସ୍ଥାନୀୟ ନୋଟାରୀଙ୍କଠାରେ ମୃତ୍ୟୁପରେ ଶରୀର ଦାନ କରିବା ପାଇଁ ଶପଥ ପାଠ କରି କାଗଜ ପତ୍ର ଠିକ୍ କରିଥିଲେ। ସରସ୍ୱତୀ ପୂଜା ଦିନ ଉକ୍ତ କାଗଜାତ୍‌କୁ ସେ ବଲାଙ୍ଗୀର ମେଡିକାଲକୁ ଯାଇ କର୍ତ୍ତୃପକ୍ଷଙ୍କ ନିକଟରେ ବିଧିବଦ୍ଧଭାବେ ଦାଖଲ କରିଛନ୍ତି।

୧୯୫୦ ମସିହାରେ ଜନ୍ମିତ ବିଜୟ କହିଛନ୍ତି ଯେ, ସନ୍ଥକବି ଭୀମଭୋଇଙ୍କ ଆଦର୍ଶରେ ସେ ଓ ତାଙ୍କ ପରିବାର ଅନୁପ୍ରାଣିତ। ଏଥିପାଇଁ ମାନବ ସେବାକୁ ଜୀବନର ବ୍ରତ ବୋଲି ମନେ କରି ସେ ଜୀବନବ୍ୟାପୀ କାମ କରି ଚାଲିଛନ୍ତି। ୭୦ବର୍ଷରେ ଜୀବନକାଳ ମଧ୍ୟରେ ୫୦ଥର ରକ୍ତଦାନ କରିଛନ୍ତି। ବଡ ପୁଅ ଆଜାଦ ୩୦ଥର, ପୁତ୍ରବଧୂ ମୀନୁ ୩ଥର, ସାନ ପୁଅ ଆକାଶ ୨୨ ଥର ରକ୍ତଦାନ କରିଛନ୍ତି । ଶନିବାର କଣ୍ଟାବାଞ୍ଜିଠାରେ ବିଜୟ ତାଙ୍କ ଶରୀର ଦାନ ସମ୍ପର୍କରେ କହିଛନ୍ତି ଯେ, ଅନ୍ୟକୁ ଖୁସି କରାଇବାରେ ଯେଉଁ ଆନନ୍ଦ ତାହା ଦାନ ଦ୍ୱାରା ହିଁ ମିଳିଥାଏ।


ପରିବାରର ସଦସ୍ୟଙ୍କ ସହ ବିଜୟ ବଂଶଲ।


ଦେଓଗାଁ ପଞ୍ଚାୟତ ପରିସରରେ ପଦଯାତ୍ରାରେ ବାହାରିଥିବା ସତ୍ୟବ୍ରତ ଦାସଙ୍କୁ ଯୁବଗୋଷ୍ଠୀ ସ୍ୱାଗତ ଜଣାଉଛନ୍ତି ।

# ପଦଯାତ୍ରାରେ ବାହାରିଥିବା ଯୁବକ ବିଡିଓଙ୍କୁ ଦେଲେ ସ୍ମାରକପତ୍ର

**ଦେଓଗାଁ,୧।୨(ଡି.ଏନ.ଏ.)**

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ, ମହାନଦୀ ଜଳ ସମସ୍ୟାର ସମାଧାନ ଓ ପୋଲାଭରମ ପ୍ରକଳ୍ପକୁ ବନ୍ଦ କରିବା ଦାବିରେ ୩୧୪ ବ୍ଲକକୁ ପଦଯାତ୍ରାରେ ବାହାରିଛନ୍ତି ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିଣ୍ଡୋଳ ଗାଁର ସତ୍ୟବ୍ରତ ଦାସ। ଶନିବାର ସେ ଦେଓଗାଁରେ ପଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସେ ଦେଓଗାଁ ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କୁ ସାକ୍ଷାତ କର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ପରେ ଦେଓଗାଁ ଯୁବ କଂଗ୍ରେସ ତରଫରୁ ଯୁବନେତା ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ସମୀର ସାହୁ, ଜ୍ୱାଳା ପୋଢ଼, ରିଙ୍କୁ ସାହୁ, କୁନା ସାହୁ, ଜ୍ୟୋତି ବିକାଶ ବାରିକ ପ୍ରମୁଖ ଦାସଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରାତ୍ରୀଯାପନର ବ୍ୟବସ୍ଥା କରିଥିଲେ । ସୂଚନାନୁସାରେ ସତ୍ୟବ୍ରତ ୨୦୬ ଦିନରେ ୪୦୫୭ କିଲୋମିଟର ପଦଯାତ୍ରାରେ ୧୩୮ଟି ବ୍ଲକ ପରିକ୍ରମା କରି ସାରିଲେଣି।

# ଫୁଟବଲ ଟୁର୍ନାମେଣ୍ଟ: ଲୁଚକିବନ୍ଧ ଚାମ୍ପିୟନ

**ଦେଓଗାଁ,୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଘୁଚିପାଲିରେ ପଲ୍ଲି ଆଲୋକ ଯୁବକ ସଂଘ ଆୟୋଜନରେ ଚାଲିଥିବା ୧୫ତମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଲୁଚକିବନ୍ଧ ଓ କରେଲଧୂଆ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୁଚକିବନ୍ଧ ଦଳ ୪-୨ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ମଣି ଧରୁଆ, ସୁରେନ୍ଦ୍ର ଭୂଏ, ଅନଙ୍ଗ ବାଗ ଓ ଭୁବନେଶ୍ୱର ଭୂଏ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର, ସମ୍ମାନୀତ ଅତିଥିଭାବେ ବରିଷ୍ଠ ଫୁଟବଲ ଖେଳାଳି କୈଳାସ କର୍ତ୍ତି, ଖେଳ ଶିକ୍ଷକ ପ୍ରଶାନ୍ତ ଥନାପତି, ପ୍ରମୋଦ କୁମାର ବହିଦାର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଟୁର୍ନାମେଣ୍ଟର ସଫଳ ସମାପନରେ ମଣୀ ଦୀପ, ଲୁଚନ କୁମୁରା, ଉମିର ଭୋଇ, କୈଳାସ ଧରୁଆ, ଉତ୍ତମ ଭୋଇ, କୃତିବାସ ଭୋଇ, ସାନୁର୍ଜକରନ, ମାନୁ ଭୋଇ ତଥା ପଲୀ ଆଲୋକ ଯୁବକ ସଂଘର କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ ।


ଘୁଚିପାଲିରେ ଫୁଟବଲ ଫାଇନାଲ ଅବସରରେ ଅତିଥି ଗହଣରେ ଖେଳାଳିମାନେ।

# ଝରବାହାଲି ଫୁଟବଲ: କଲଟିକଛାର ବିଜୟୀ

**ଟିକ୍ରାପଡା, ୧।୨ (ଡି.ଏନ.ଏ)**

ସଇଁତଲା ବ୍ଲକ ଝିଙ୍କୁଡୁଙ୍ଗୁରୀ ପଞ୍ଚାୟତ ଅଧୀନ ଝରବାଲି ଗାଁରେ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚକ୍ର ବଗର୍ତ୍ତୀ, ସୀତାରାମ ବଗର୍ତ୍ତୀ, କାଲୁ ବଗର୍ତ୍ତୀ, ଶମ୍ଭୁ ବଗର୍ତ୍ତୀ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯୁବରାଜ ବଗର୍ତ୍ତୀ ସଭାରେ ଅଧ୍ୟକ୍ଷତା କରିଥିଲେ। କୈଳାସ ଜୈନ ସଭା ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଝରବାହାଲି ଦଳକୁ ୧-୦ ଗୋଲରେ ହରାଇ କଲଟିକଛାର ଦଳ ବିଜୟୀ ହୋଇଥିଲା। ଜିତେନ୍ଦ୍ର ଜାଲ ଖେଳ ପରିଚାଳନା କରିଥିଲେ।

# ମ୍ୟୁନିସିପାଲିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ

## ତିଆରି ହେବ ପାର୍କିଂ ସ୍ଥାନ, ଭେଣ୍ଡିଂ ଜୋନ୍

**ବଲାଙ୍ଗୀର ଅଫିସ, ୧।୨**

ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନକ୍ରମରେ ଶନିବାର ସହରର ପାଟଣା ହୋଟେଲ ଛକ ଠାରୁ ବାଳିକା ଉଚ୍ଚ ବିଦ୍ୟାଳୟ ପାଖ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପଟେ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ସରକାରୀ ଜମିରେ ତିଆରି ହୋଇଥିବା ଦୋକାନ ବଜାର, ହୋଟେଲ ଓ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି । ଜେସିଭି ମେଶିନ୍‌ରେ ଶନିବାର ସକାଳୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ ଓ ତହସିଲଦାର ଲଲାଟ ଲୁହା ଓ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଉଚ୍ଛେଦ ସ୍ଥାନରେ ଗାଡି ପାର୍କିଂ ବ୍ୟବସ୍ଥା ସହ ଭେଣ୍ଡିଂଜୋନ୍ ସ୍ଥାପନ କରାଯିବ ବୋଲି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଦୀପ କହିଛନ୍ତି । ଉଚ୍ଛେଦ ସ୍ଥାନରେ ଦୋକାନ ବଜାର କରି ପେଟପାଟଣା ଚଳାଉଥିବା ଲୋକଙ୍କ ପାଇଁ ବ୍ୟବସ୍ଥା କରାଯିବାକୁ ଉଚ୍ଛେଦର ଶିକାର ହୋଇଥିବା ଦୋକାନୀ ଓ ଲୋକେ ଦାବି କରିଛନ୍ତି।


ବଲାଙ୍ଗୀର ସହରରେ ପାର୍କିଂ ସୁବିଧା ପାଇଁ ଦୁର୍ଗାମଣ୍ଡପ ସମ୍ମୁଖରେ ଥିବା ସରକାରୀ ଜମି ଜବରଦଖଲକାରୀଙ୍କୁ ପୌର ପରିଷଦ ପକ୍ଷରୁ ଉଚ୍ଛେଦ କରାଯାଉଛି ।

# ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ

**ଲୋଇସିଂହା,୧।୨(ଡି.ଏନ.ଏ.)**

**କୃଷକ ସଚେତନତା ଶିବିର**

ବଲାଙ୍ଗୀର ଜିଲା ଲୋଇସିଂହା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ କପାଚାଷ ଉପରେ ଚାଲିଥିବା ଦୁଇଦିନିଆ କୃଷକ ସଚେତନତା ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କପା ଚାଷରେ ଅଧିକ ମାତ୍ରାରେ ରାସାୟନିକ ସାର ଓ ବିଷ ପ୍ରୟୋଗ କରାଯାଉଛି। ଏଥିଯୋଗୁ ମାଟିର ଉର୍ବରତ ନଷ୍ଟ ହେବା ସହ ପରିବେଶ ଅସନ୍ତୁଳିତ ହୋଇ ପଡୁଛି। ସନ୍ତୁଳିତ ପରିବେଶ ଓ ମାଟିର ଉର୍ବରତା ବଜାୟ ରଖିବା ପାଇଁ ଜୈବିକ ସାର ପ୍ରୟୋଗ ଉପରେ ଅଧିକାରୀମାନେ ଗୁରତ୍ୱାରୋପ କରିଥିଲେ। କପା ଚାଷର ଅମଳ ପରବର୍ତ୍ତୀ ଯତ୍ନ ଓ ବିକ୍ରିବଟା ଉପରେ ଅନୁଷ୍ଠିତ ସଚେତନତା ଶିବିରରେ ଲୋଇସିଂହା ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ । କୃଷି ବିଭାଗ ପକ୍ଷରୁ କୃଷି ଓ କୃଷକଙ୍କ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ଆବଗତ କରିଥିଲେ। ବ୍ଲକର ବନଛୋରପାଲି ଓ ପୋଢମୁଣ୍ଡଠାରେ ଜୈବିକ ସାର ପାଇଁ ଘାସ ଚାଷ ପାଇଁ ପଦକ୍ଷେପ ଗ୍ରହଣକରାଯାଇଥିବା ସୂଚନା ଦେଇଥିଲେ। ଶିବିରରେ କୃଷି ଜିଲା ଅଧିକାରୀ ହିମାଂଶୁ ପାଢୀ, ବିଷୟବସ୍ତୁ ବିଶେଷଜ୍ଞ ସୋମନାଥ ମହାପାତ୍ର, ସଦର ଜିଲା ସହକାରୀ କୃଷି ଅଧିକାରୀ ହରେକୃଷ୍ଣ ପଣ୍ଡା ଅତିଥିଭାବେ ଯୋଗଦେଇ ଉନ୍ନତ କପା ଚାଷ ଓ ସରକାରୀସ୍ତରରେ କପା ଚାଷୀଙ୍କ ପାଇଁ ରହିଥିବା ଚାଷ ଓ ବିକ୍ରି ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ବ୍ଲକର ୨୫ ଜଣ ଚାଷୀ ଯୋଗଦେଇ ପ୍ରଥମ ଦିନରେ ପଟଣାଗଡ ମା ଜିନିଙ୍ଗ ମିଲ ପରିଦର୍ଶନ କରିଥିଲେ । ଶିବିରର ଦକ୍ଷ ୧୦ଜଣ ଚାଷୀଙ୍କୁ ସମ୍ମାନୀତ କରାଯାଇଥିଲା।


କୃଷକ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

## ଫଟୋରେ ଖବର



୨କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ବଲାଙ୍ଗୀର ମହାଲକ୍ଷ୍ମୀ ନଗର କଲ୍ୟାଣ ମଣ୍ଡପ କାମ ଦେଖିବାକୁ ଯାଇ ବିଧାୟକ ନରସିଂହ ମିଶ୍ର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି (ବାମ)। ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ଚାଷୀମାନେ ଟୋକନ ପାଇ ମଧ ଧାନ ବିକ୍ରି କରି ପାରୁ ନାହାନ୍ତି। ଏହି ଅବ୍ୟସ୍ଥାରେ ସୁଧାର ପାଇଁ ଚାଷୀମାନେ ବଲାଙ୍ଗୀର ସିଏସ୍‌ଓ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି । (ଫଟୋ : ସୁନୀଲ)

# ଦେଓଗାଁ: ସ୍ଥାନୀୟ ଛତୁଆ ପ୍ଲାଣ୍ଟକୁ ମିଳିଲାନି ସ୍ୱୀକୃତି

**ଦେଓଗାଁ,୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଗତ ୫ବର୍ଷ ହେଲା ୨ଟି ସ୍ୱୟଂ ସହାୟକ ଦଳ ୨ଟି ପ୍ଲାଣ୍ଟରେ ୨୬ ପଞ୍ଚାୟତକୁ ଛତୁଆ ବଣ୍ଟନ କରିଆସୁଥିଲେ। ମା' ଦୁର୍ଗା ଏସ୍‌ଏଚ୍‌ଜି ୧୮ଟି ପଞ୍ଚାୟତ ଓ ଧଣ୍ଡାମାଳ ପଞ୍ଚାୟତ ଅନ୍ତର୍ଲା ଗାଁର ମା' ଗଜଲକ୍ଷ୍ମୀ ଏସ୍‌ଏଚ୍‌ଜି ୮ଟି ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଛତୁଆ ପ୍ରସ୍ତୁତ କରି ଯୋଗାଣ କରି ଆସୁଥିଲେ । ହେଲେ ଚଳିତବର୍ଷ ଜିଲା ପ୍ରଶାସନ ତରଫରୁ ଉଭୟ ଏସ୍‌ଏଚ୍‌ଜି ଚଳାଇଥିବା ୨ଟି ପ୍ଲାଣ୍ଟର ନବୀକରଣ ବନ୍ଦ କରିଦେବାରୁ ତାହା ଏବେ ବନ୍ଦ ହୋଇଯାଇଛି । ଏହା ବଦଳରେ ନିକଟସ୍ଥ ସଇଁନ୍ତଲା ବ୍ଲକ ବରଗାଁର ନାରୀଶକ୍ତି ଏସ୍‌ଏଚ୍‌ଜିକୁ ବ୍ଲକର ସମସ୍ତ ୨୬ ପଞ୍ଚାୟତକୁ ଛତୁଆ ଯୋଗାଣ କରିବାକୁ ଜିଲା ପ୍ରଶାସନ ଦାୟିତ୍ୱ ଦେଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଲକ୍ଷାଧିକ ଟଙ୍କାର ଯାନ୍ତ୍ରିକ ସମାଗ୍ରୀ ଲଗାଇବା ସହ ପ୍ଲାଣ୍ଟକୁ ସ୍ୱଚ୍ଛ ରଖିବା ପାଇଁ ସିସି କ୍ୟାମେରା ଓ ବିଭାଗୀୟ ତଦାରଖ ରହିଥିବା ସତ୍ତ୍ୱେ ଜିଲା ପ୍ରଶାସନ କେଉଁ ସ୍ୱାର୍ଥରେ ସ୍ଥାନୀୟ ପ୍ଲାଣ୍ଟକୁ ବନ୍ଦ କରି ପାଖ ବ୍ଲକର ଏସଏଚଜିଙ୍କୁ ଛତୁଆ ବଣ୍ଟନପାଇଁ ଟ୍ୟାଗ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ଉଭୟ ସ୍ୱୟଂ ସହାୟକ ଦଳ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଉଭୟ ଦଳ ଏହାର ପ୍ରତିବାଦରେ ଉଚ୍ଚ ନ୍ୟାୟାଳୟ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ଏ ନେଇ ସିଡିପିଓ ପ୍ରତିମା ଚୋପଦାରଙ୍କୁ ପଚାରିବାରୁ ଦେଓଗାଁର ସମ୍ପୃକ୍ତ ଏସ୍‌ଏଚ୍‌ଜି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ବର୍ତ୍ତମାନ ମାମଲା ବିଚାରାଧିନ ଥିବାରୁ ଅଧିକ କିଛି କହିବାକୁ ମନା କରି ଦେଇଛନ୍ତି।



ଧନ ଥିଲେ ଦାରିଦ୍ର୍ୟର ଭୟ ଅଛି। ଜ୍ଞାନରେ ଅଜ୍ଞାନର ଭୟ, ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ ଅଛି। ଏହି ଜଗତର ସମୁଦାୟ ବସ୍ତୁ ଭୟଯୁକ୍ତ। କିନ୍ତୁ ଯେଉଁ ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରିଛି ତାହାର କୌଣସି ଭୟ ନାହିଁ। ସେ ଭୟଶୂନ୍ୟ ନିର୍ଭୀକ।

- ସ୍ୱାମୀ ବିବେକାନନ୍ଦ

**ସଂକ୍ଷେପରେ...**

## କୁଷ୍ଠମୁକ୍ତ ଭାରତ ପାଇଁ ଛାତ୍ରୀମାନଙ୍କର ଶପଥପାଠ

ବ୍ରଜରାଜନଗର, ୧।୨ (ଡି.ଏନ.ଏ)– ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ ବାଳିକା ଉଚ୍ଚ ବିଦ୍ୟାଳୟରେ କୁଷ୍ଠ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୁଷ୍ଠମୁକ୍ତ ଭାରତର ଆହ୍ୱାନ ଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁଶେଖର ପଣ୍ଡାଙ୍କ ସହିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଶପଥ ଗ୍ରହଣ କରିଥିଲେ। କୁଷ୍ଠମୁକ୍ତ ଭାରତ ପାଇଁ ଛାତ୍ରୀମାନେ ଶପଥପାଠ କରିଥିଲେ। କୁଷ୍ଠ ରୋଗ ଆରୋଗ୍ୟସାଧ୍ୟ ଏହି ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଛାତ୍ରୀମାନେ ଶପଥ ନେଇଥିଲେ।





ରାଜାମୁଣ୍ଡା ସେକ୍ସନ ବଡପୁରୁଣାପାଣି ପଞ୍ଚାୟତର ଦୁଇଟି ଗ୍ରାମରେ ହାତୀ ଭାଙ୍ଗି ଦେଇଥିବା ଘର।

# ଥମୁନି ଦନ୍ତାହାତୀର ଉପଦ୍ରବ

- ଗାଁରେ ପଶି ଘର ଭାଙ୍ଗିଲା
- ଧାନ ଚାଉଳ ଖାଇଲା

ଲହୁଣୀପଡା, ୧।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବାଙ୍କି ରେଞ୍ଜ ରାଜାମୁଣ୍ଡା ସେକ୍ସନ ବଡପୁରୁଣାପାଣି ପଞ୍ଚାୟତର ଦୁଇଟି ଗ୍ରାମରେ ଶନିବାର ଭୋର ପ୍ରାୟ ୫ଟା ବେଳେ ଏକ ଜଙ୍ଗଲି ଦନ୍ତା ହାତୀ ଉତ୍ପାତ କରି ଘର ଭାଙ୍ଗିଛି। ଏହା ସହିତ ଘରେ ଥିବା ଧାନ, ଚାଉଳ ଖାଇଥିବା ବେଳେ ଗ୍ରାମବାସୀ ଭୟରେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନବିଭାଗ ହାତୀକୁ ଘଉଡାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଅଞ୍ଚଳରେ ହାତୀ ଉପଦ୍ରବ ଥମୁନାହିଁ।

ପ୍ରାପ୍ତ ସୂଚନାଯୋଗ୍ୟ ଯେ, ଦନ୍ତା ହାତୀ ଧତିକପୋଷ ଜଙ୍ଗଲ ପଟୁ ଆସି ନୂଆଗାଁ ଗ୍ରାମର ପଦ୍ମା କାଲେଶ, ବିଷ୍ଣୁ କାଲୋ, ସୁରେନ୍ଦ୍ରନାଥ କିଷାନ ଓ ଜୀବିକାପୋଷ ଗ୍ରାମର ଲିଙ୍ଗରାଜ କିଷାନ, ଜୟମତି କିଷାନର ଘର ଭାଙ୍ଗିବା ସହିତ ଘରେଥିବା ଧାନ ଚାଉଳ ଖାଇ ଦେଇଥିଲା। ଫଳରେ ଗ୍ରାମବାସୀ ଭୟରେ ଏକାଠି ରହି ବନ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ରେଞ୍ଜର ଅଜୟ ଖେସ ଫରେଷ୍ଟର ଗୋପାଳ ଓରାମଙ୍କ ସମେତ ବନ କର୍ମଚାରୀ ପହଞ୍ଚି ହାତୀ ଗତିବିଧି ନଜର ରଖିଥିବା ବେଳେ ହାତୀ ଦିନତମାମ ଟାଲବହଲି ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଥିବା ଏକ ପୋଖରୀ ରହି ଥିବା ଜାଣିବାକୁ ମିଳିଛି। ବନ କର୍ମଚାରୀମାନେ ଜଗି ରହିଥିବା ବେଳେ ହାତୀଟି ଜଙ୍ଗଲ ଭିତରୁ ବାହାରୁ ନାହିଁ। ଫଳରେ ଗ୍ରାମବାସୀ ଭୟଭୀତ ହୋଇ ରହିଥାଏ ଜଣାଯାଇଛି।

## ବିଦ୍ୟାଳୟ ସମୟ ନିର୍ଘଣ୍ଟ ମାନୁ ନାହାନ୍ତି ଶିକ୍ଷକ

କୁଆଁରମୁଣ୍ଡା, ୧।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ସମୟ ନିର୍ଘଣ୍ଟ ପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି। ଅନେକ ସମୟରେ ସାଢେ ୧୦ଟା ପରେ ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟକୁ ଯାଉଥିବା ବେଳେ ଅପରାହ୍ନ ୩ଟା ପୂର୍ବରୁ ବିଦ୍ୟାଳୟ ପରିସର ଛାଡି ଘରକୁ ଫେରୁଥିବା ଅଭିଯୋଗ ହେଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବ୍ଲକର ଉପାନ୍ତବର୍ତ୍ତୀ କାଦୋବାହାଲ ପଞ୍ଚାୟତ। ଏହି ପଞ୍ଚାୟତର ବିଭିନ୍ନ

**କାଦୋବାହାଲ ପଞ୍ଚାୟତ**

ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଠାରୁ ଆରମ୍ଭ କରି ଶିକ୍ଷକଙ୍କ ପର୍ଯ୍ୟନ୍ତ ଅଧିକାଂଶ ବିଦ୍ୟାଳୟ ସମୟ ସାରଣୀକୁ ନ ମାନି ମନମୁଖୀ ଯିବା ଆସିବା କରୁଛନ୍ତି। କେତେକ ଶିକ୍ଷୟିତ୍ରୀ ନିଜ ମୁହଁକୁ କପଡ଼ାରେ ଲୁଚାଇ ସ୍କୁଟି ହେଉ ଅବା ବସ୍ ଯୋଗେ ଛୁଟି ସମୟର ଯଥେଷ୍ଟ ପୂର୍ବରୁ ଘରକୁ ଫେରୁଛନ୍ତି। ହେଲେ ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଠାରୁ ଆରମ୍ଭ କରି ସହକାରୀ ପର୍ଯ୍ୟନ୍ତ ସମସ୍ତେ ସେଟିଂରେ ଯିବା ଆସିବା କରୁଥିବାରୁ ଶିକ୍ଷା ବିଭାଗ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁନାହାନ୍ତି। ଯିବା ଆସିବା ସମୟ ସାରଣୀ ଠିକ୍‌ଭାବେ ପାଳନ ହେଉ ନ ଥିବାରୁ ଶିକ୍ଷାଦାନ ବ୍ୟବସ୍ଥାରେ ଅବହେଳା ହେଉଛି। ଫଳରେ ଉକ୍ତ ଅଞ୍ଚଳର ଏକାଧିକ ବିଦ୍ୟାଳୟର ବିଦ୍ୟାଳୟସ୍ତରୀୟ ପରୀକ୍ଷା ଠାରୁ ଆରମ୍ଭ କରି ମାଟ୍ରିକ ପରୀକ୍ଷାଫଳ ସନ୍ତୋଷଜନକ ହେଉନାହିଁ। ଏହି ଅବ୍ୟବସ୍ଥା ପ୍ରତି ବ୍ଲକ ଶିକ୍ଷା ବିଭାଗ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଶିକ୍ଷା ବିଭାଗ ଅଚାନକ ଚଢ଼ାଉ କରିଲେ ବିଦ୍ୟାଳୟର ବହୁ ରହସ୍ୟ ଉନ୍ମୋଚିତ ହୋଇପାରିବ।

## ଓଜନମାପ କଣ୍ଟା ଯୋଗୁ ବଢୁଛି ରାଜପଥ ଅବରୋଧ ସମସ୍ୟା

କୁଆଁରମୁଣ୍ଡା, ୧।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା–ବୀରମିତ୍ରପୁର ମଧ୍ୟରେ ଥିବା କୁମଝରିଆ ପଞ୍ଚାୟତର ଝିଁକିଏରା ବୁଲାଣି ନିକଟରେ ଦୈନନ୍ଦିନ ରାଜପଥ ଅବରୋଧ ସମସ୍ୟା ବୃଦ୍ଧି ପାଉଛି। ରାଜପଥର ଝିଁକାଏରା ବୁଲାଣି ନିକଟରେ ଏକ ଓଜନ ମାପ କଣ୍ଟା ଥିବାରୁ ସେଠାରେ ପ୍ରତ୍ୟେକ ଦିନ ଶତାଧିକ ଭାରିଯାନ ବିଶେଷକରି କୋଇଲା, ଲୁହାପଥର ଇତ୍ୟାଦି ବୋଝେଇ ଟ୍ରକ, ଡମ୍ପର, ଟ୍ରେଲରଗୁଡିକ ଓଜନ ହୋଇଥାଏ। ହେଲେ ଓଜନ ମାପ ହେଉଥିବା କଣ୍ଟା ପରିସରରେ ଭାରିଯାନଗୁଡିକ ରହିବା ପାଇଁ ଯଥେଷ୍ଟ ସ୍ଥାନ ନ ଥିବାରୁ ଉକ୍ତ ଯାନଗୁଡିକ ରାଜପଥ ଉପରେ ବହୁ ସମୟ ଧରି ଛିଡା ହୋଇ ରହୁଥିବା ଦେଖିବାକୁ ମିଳୁଛି। ଫଳରେ ଜାତୀୟ ରାଜପଥରେ ଅନ୍ୟାନ୍ୟ ଗାଡି ଚଳାଚଳ କରିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଏହି ସମସ୍ୟା ଯୋଗୁ ବାଇକ୍ ଚାଳକମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବେଳେ ଆମ୍ବୁଲାନ୍ସ ଗାଡି ମଧ୍ୟ ଉକ୍ତ ଜାମ୍ ଯୋଗୁ ଠିକ୍ ସମୟରେ ରୋଗୀଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏହିଭଳି ସମସ୍ୟା ଶନିବାର ସକାଳ ୮ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଉକ୍ତ ଓଜନ କଣ୍ଟା କେନ୍ଦ୍ର ନିକଟରେ ଦେଖିବାକୁ ମିଳିଥିଲା। ଏନେଇ ପରିବହନ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତା ଥିବା ବେଳେ ବାସ୍ତବରେ ମାପ ଓଜନ କଣ୍ଟା ବ୍ୟବସାୟୀଙ୍କ ଉପରେ ସେପରି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରାଜପଥର ଉକ୍ତ ସ୍ଥାନରେ ବରାବର ଭାରିଯାନଗୁଡିକ ଘଣ୍ଟା ଘଣ୍ଟା ଧରି ଅଟକି ରହିବାରୁ ସେଠାରେ ପିଚୁ ଫାଟି ଖାଲଖମା ସୃଷ୍ଟି ହେଉଛି। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।




ଝିଁକିଏରା ନିକଟରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଭାରିଯାନଗୁଡିକର ଲମ୍ବା ଧାଡି ଲାଗିଛି।

# ଫୁଟବଲ ଟୁର୍ନାମେଣ୍ଟ: ଭିଏସ୍‌ଏସ୍ କ୍ଲବ ଚାମ୍ପିୟନ

ହେମଗିର, ୧।୨ (ଡି.ଏନ.ଏ)

କନକତୁରା ପଞ୍ଚାୟତର ବିହାଯୋର ଠାରେ ବସୁନ୍ଧରା ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିଏସ୍‌ଏସ୍ କ୍ଲବ ଚାମ୍ପିୟନ ହୋଇଛି। ରିତେଶ ସିଂ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଫୁଟବଲ ଟୁର୍ନାମେଣ୍ଟ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ୮ଟି ଫୁଟବଲ ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା। ୮ଟି ଦଳଙ୍କ ରୋମାଞ୍ଚକର ଖେଳ ପ୍ରଦର୍ଶନରେ ଖେଳପ୍ରେମୀଙ୍କ ମନରେ ଉତ୍ସାହ ଭରି ଦେଇଥିଲା। ଶେଷରେ ଭିଏସ୍‌ଏସ୍ କ୍ଲବ ବାଙ୍ଗୁରକେଲା ଓ ଇଲେଭେନ ଷ୍ଟାର ରାଜପୁରଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟଙ୍କ ଭିତରେ ଜିତିବାର ଅଦମ୍ୟ ପ୍ରଚେଷ୍ଟା ମଧ୍ୟରେ ଭିଏସ୍‌ଏସ୍ କ୍ଲବ ୧-୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ହେମଗିର ବ୍ଲକ ବିଜୁ ଜନତା ଦଳର ସଭାପତି ସୁକାନ୍ତ ପତି ଯୋଗଦେଇ ଖେଳାଳିମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେ ଆଗାମୀ ଦିନରେ ଏକ ଉନ୍ନତ ଖେଳ ପଡିଆ ନିର୍ମାଣ ପାଇଁ ମଧ୍ୟ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ସୁଧାରାଣୀ ରାଉତିଆ ଯୋଗଦେଇ ଗ୍ରାମବାସୀ ୩୦ବର୍ଷ ଧରି ଏହାକୁ ଉଜ୍ଜିବୀତ କରି ରଖିଥିବାରୁ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଝାରସୁଗୁଡା ଜିଲାର ଜିଲା ପରିଷଦ ସଭ୍ୟା ହର୍ଷ ଜଗତ, କଳାକାହ୍ନୁ ମେହେର, ଲିଙ୍ଗରାଜ ପଧାନ, ରାଜୀବ ଟେଟ୍ଟୁ, ଡୋଳାମଣୀ ପଟେଲ, ଅରୁଣ କୁମାର ପଟେଲ, ମିଳନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଜୟୀ ଦଳ ଭିଏସ୍‌ଏସ୍ କ୍ଲବକୁ ନଗଦ ୬ହଜାର ଓ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅଫ୍ ଦଳ ଇଲେଭେନ ଷ୍ଟାରକୁ ନଗଦ ୪ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କନକତୁରା ସମିତି ସଭ୍ୟ ସୁନ୍ଦରଲାଲ ଓରାମ, ସମ୍ପାଦକ ଶ୍ୟାମସୁନ୍ଦର ଓରାମ, ଆନନ୍ଦ ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ବିଜୟ ଓରାମ, ଅନିଲ ଓରାମ, ନନ୍ଦଲାଲ ଓରାମ, ଜୟ ଓରାମ, ଅଶୋକ ପଧାନ, ମଙ୍ଗଳ ଓରାମ ତଥା କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଖେଳକୁ ରେଫରି ମହେନ୍ଦ୍ର ବଗର୍ତ୍ତି, ରତ୍ନାକର ସାଏ, ସଞ୍ଜୟ କିଶୋର ଓ ରମଣୀ ମାଝି ପ୍ରମୁଖ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ କ୍ଲବର କର୍ମକର୍ତ୍ତା।

# ସମ୍ବଲପୁରୀ ଏବଂ ମାହାରୀ ନୃତ୍ୟରେ ଦୁଲକିଲା ମଞ୍ଚ

**ଦଶମ ଖଣ୍ଡାଧାର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ବଣାଇ, ୧।୨ (ସ୍ୱ.ପ୍ର.)

ବଣାଇଠାରେ ଚାଲିଥିବା ଦଶମ ଖଣ୍ଡାଧାର ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଝୁମି ଉଠିଛନ୍ତି ଦର୍ଶକ। ସାଂସ୍କୃତିକ ତଥା କଳାର ବିକାଶ ଆଭିମୁଖ୍ୟ ନେଇ ଆୟୋଜିତ ଏହି ମହୋତ୍ସବର ଦିନରେ ଅଞ୍ଚଳର ଶହେରୁ ଉର୍ଦ୍ଧ୍ୱ ଦଳର କଳାକାର ଯୋଗଦେଇ ନିଜର କଳାପ୍ରଦର୍ଶନ କରିଥିବା ବେଳେ ସାଂସ୍କୃତିକ ସନ୍ଧ୍ୟାରେ ଆସାମର ବିହୁ, ପଶ୍ଚିମ ଓଡିଶାର ପ୍ରସିଦ୍ଧ ସମ୍ବଲପୁରୀ ନୃତ୍ୟ, ପୁରୀର ମାହାରୀ ନୃତ୍ୟ, ଓଡିଶାର ପ୍ରସିଦ୍ଧ ଓଡିଶୀ ନୃତ୍ୟ ସମେତ ଅନ୍ୟାନ୍ୟ ଆଞ୍ଚଳିକ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣକୁ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ ସନ୍ଧ୍ୟାର ଉଦଘାଟନ କରିଥିଲେ। ଖଣ୍ଡାଧାର ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ ଶୁଭେନ୍ଦ୍ରନାଥ ମଲ୍ଲିକ ସଂଯୋଜନା କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚ ପରିଚାଳନା ସତ୍ୟନାରାୟଣ ମିଶ୍ର ଏବଂ ରାଜେନ୍ଦ୍ର ପ୍ରଧାନ କରିଥିଲେ। ଉଦଘୋଷକ ମଳୟ ମୌସମ ରାଉତରାୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବଣାଇ ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର, ବିଶିଷ୍ଟ କଳାକାର ଖଗେଶ୍ୱର ବାରିକ, ରଣଜିତ ଚୌଧୁରୀ, ଲିଙ୍ଗରାଜ ସାହୁ, ଗିରେନ୍ଦ୍ର ସାହୁ, ପଦ୍ମଚରଣ ଆଚାର୍ଯ୍ୟ, ବେଣୁଧର ସାହୁ, ହୃଦାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ଯୁବ ପ୍ରତିଭାବାନ କଳାକାର ମହେଶ ପତିଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।




ଖଣ୍ଡାଧାର ମହୋତ୍ସବରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

## ଡାଲମିଆ ଆଇଟିଆଇର ବାର୍ଷିକ ଉତ୍ସବ

ରାଜଗାଙ୍ଗପୁର, ୧।୨ (ଡି.ଏନ.ଏ)

ଝଗରପୁର ସ୍ଥିତ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ର ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ମହାବିଦ୍ୟାଳୟ, ରାଉରକେଲାର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ରଥ ମୁଖ୍ୟଅତିଥି, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ପୂର୍ବାଞ୍ଚଳ ଉତ୍ପାଦନ ମୁଖ୍ୟ ତଥା ଡାଲମିଆ ଆଇଟିଆଇର ଚେୟାରମ୍ୟାନ ସୁନୀଲ କୁମାର ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ରଥ ଛାତ୍ରୀଛାତ୍ରଙ୍କୁ ସ୍ୱପ୍ନ ଦେଖି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ସଫଳତାର ବିଭିନ୍ନ ସୋପାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଡିଆଇଟିଆଇ ପରିଚାଳନା କମିଟି ସଦସ୍ୟ ଓମ ପ୍ରକାଶ ଅଗ୍ରୱାଲ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଡିଆଇଟିଆଇ ପରିଚାଳନା କମିଟି ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ସଫଳତା ଉପରେ ରେଖାପାତ କରିଥିଲେ। ଏହି ଅବସରରେ ଅତିଥିମାନେ ବାର୍ଷିକ ପତ୍ରିକା ଶିଳ୍ପୀର ଉନ୍ମୋଚନ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୁରାତନ ଛାତ୍ର ତଥା ଗ୍ରୀଡ କର୍ପୋରେସନ ଅନୁଗୋଳରେ କାର୍ଯ୍ୟ କରୁଥିବା ନରେନ୍ଦ୍ର କୁମାର ମହାନ୍ତିଙ୍କୁ ଡିଆଇଟିଆଇ ପ୍ରତିଭା ସମ୍ମାନ–୨୦୧୯ ପ୍ରଦାନ କରାଯାଇଥିଲା। ସେ ତାଙ୍କର ଅନୁଭୂତି ପ୍ରକାଶ କରିଥିଲେ। ଶିବଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡାଲମିଆ ସିମେଣ୍ଟର ଅନେକ ବରିଷ୍ଠ ଅଧିକାରୀ ଡାଲମିଆ ଆଇଟିଆଇର ଛାତ୍ରୀଛାତ୍ର ଓ ତାଙ୍କର ପରିବାରବର୍ଗ ଉପସ୍ଥିତ ଥିଲେ।



ଡିଆଇଟିଆଇର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ଉପଜିଲାପାଳଙ୍କ ପ୍ରତିଶ୍ରୁତି, ମାର୍ଚ୍ଚରେ ସ୍ଥାନାନ୍ତର

**ଭାଟି ସ୍ଥାନାନ୍ତର ପାଇଁ ଅନଶନ**

ବଡ଼ଗାଁ, ୧।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ସମ୍ମୁଖରେ ମଦଭାଟି ସ୍ଥାନାନ୍ତର ପାଇଁ ୨୫ ତାରିଖ ସନ୍ଧ୍ୟାରୁ ଆମରଣ ଅନଶନରେ ବସିଥିବା କୃଷକ ନେତା ରବୀନ୍ଦ୍ର ପଟେଲଙ୍କୁ ସୁନ୍ଦରଗଡ ଉପଜିଲାପାଳ ମାର୍ଚ୍ଚ ପରେ ମଦଭାଟି ସ୍ଥାନାନ୍ତର କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଲା ପରେ ଶନିବାର ପୂର୍ବାହ୍ନରେ ଅନଶନ ଭାଙ୍ଗିଛନ୍ତି। ଶନିବାର ପୂର୍ବାହ୍ନରେ ଉପଜିଲାପାଳ ଅଭିମନ୍ୟୁ ବେହେରା ଅନଶନସ୍ଥଳକୁ ଆସି ଆଲୋଚନା କରିଥିଲେ। ସେଠାରେ ଅନଶନକାରୀ ପଟେଲ ବଡଗାଁ ବ୍ଲକ ଅଞ୍ଚଳରେ ମଦର ପ୍ରାବଲ୍ୟତା ଓ ଏହା ଉପରେ ଅବକାରୀ ବିଭାଗର ନୀରବଦ୍ରଷ୍ଟାକୁ ନେଇ କହିଥିଲେ। ଏହାପରେ ଉପଜିଲାପାଳ ବ୍ଲକ ଅଫିସକୁ ଯାଇ ସେଠାରେ ଏସଡିପିଓ ବିଜୟ କୁମାର ନନ୍ଦ, ବିଡିଓ କ୍ଷମାନିଧି ଭୋଇ, ଜିଲାପରିଷଦ ସଭ୍ୟା ସ୍ନେହଲତା ବେଜି, ଭୋଇପାଲି ସରପଞ୍ଚ ମନ୍ଦାକିନୀ ବରିହା, ଭାଜପା ଜିଲା ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ବଡଗାଁ ମଣ୍ଡଳ ଭାଜପା ସଭାପତି ବାବୁଲି କର୍ସେଲ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ପତ୍ର ଲେଖି ଉପଜିଲାପାଳ ଅନଶନ ସ୍ଥଳକୁ ଆସି ପ୍ରତିଶ୍ରୁତି ପତ୍ର ଦେବାସହ ଅନଶନକାରୀ ପଟେଲଙ୍କୁ ଥଣ୍ଡା ପାନୀୟ ପିଆଇଥିଲେ। ଅନଶନ ସ୍ଥଳରେ ଉପଜିଲାପାଳ ବେହେରା ମାର୍ଚ୍ଚ ମାସ ଭାଟି ସ୍ଥାନାନ୍ତର କରାଯିବ ଓ ଗାଁ ପଡାରେ ବିକ୍ରି ହେଉଥିବା କୁଚିଆ ମଦ ବିକ୍ରିବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଲିଖିତ ପ୍ରତିଶ୍ରୁତିରେ ଉଲ୍ଲେଖ କରାଯାଇଛି ଯେ, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ମୁଖ୍ୟରାସ୍ତା ଓ ଆଦିବାସୀ ବସ୍ତି ସୀମାର ୪ଶହ ମିଟର ପରିଧି ମଧ୍ୟରେ ଅବସ୍ଥିତ ଭୋଇପାଲି ମଦଭାଟିକୁ ଗ୍ରାମସଭା ଅନୁମୋଦନ ହେତୁ ସ୍ଥାନାନ୍ତର ଦାବି ଗ୍ରହଣ କରାଗଲା। ମାର୍ଚ୍ଚ ପରେ ଭାଟି ସ୍ଥାନାନ୍ତର କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଗଲା। ଏହା ସହିତ ବ୍ଲକ ଅଞ୍ଚଳରେ ବେଆଇନ ମଦବିକ୍ରି ଉପରେ ନିୟମିତ ଚଢ଼ାଉ କରିବା ପାଇଁ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଗଲା। ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ଏସଏଚଜିଙ୍କୁ ନେଇ ବିଡିଓଙ୍କ ସହଯୋଗରେ ମଦ ବିରୋଧ ଅଭିଯାନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବାକୁ କାର୍ଯ୍ୟପନ୍ଥା ସ୍ଥିର କରିବେ। ତେବେ ଏହି ଆମରଣ ଅନଶନକୁ ସମର୍ଥନ ସହଯୋଗ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଉପଜିଲାପାଳ ବିଡିଓ ଏବଂ ଜନପ୍ରତିନିଧିଙ୍କ ଉପସ୍ଥିତିରେ ରବୀନ୍ଦ୍ର ପଟେଲ ଏହା ମାତୃଶକ୍ତିର ବିଜୟ ଘୋଷଣା କରିଥିଲେ। ଏହାପରେ ଶତାଧିକ ମହିଳା, ପୁରୁଷ ତାଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ।




ଉପଜିଲାପାଳ ଲିଖିତ ପ୍ରତିଶ୍ରୁତି ପତ୍ର ଦେଖାଉଛନ୍ତି।